## ସଂକ୍ଷେପରେ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବାତିଲ

**ଭଦ୍ରକ ଅଫିସ,୧୪।୩-**ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ପ୍ରତି ସୋମବାର ଭଦ୍ରକ ଜିଲାପାଳଙ୍କ ସଦ୍‌ଭାବନା ଗୃହ ସମେତ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଆସୁଥିଲା। ଏବେ ସମଗ୍ର ବିଶ୍ୱରେ ମହାମାରୀ ରୂପ ନେଇଥିବା କରୋନାକୁ ରାଜ୍ୟ ସରକାର ରାଜ୍ୟ ବିପତ୍ତି ବୋଲି ଘୋଷଣା କରିବା ପରେ ଆସନ୍ତା ୧୬ତାରିଖଠାରୁ ୩୧ ପର୍ଯ୍ୟନ୍ତ ସୋମବାରରେ ହେବାକୁ ଥିବା ଜନଅଭିଯୋଗ ଶୁଣାଣିକୁ ବାତିଲ୍ କରାଯାଇଛି। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶ ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏହାବ୍ୟତୀତ ଜନସାଧାରଣ ଅଧିକ ସଂଖ୍ୟାରେ ଏକତ୍ର ନ ହେବା ପାଇଁ ମଧ ପରାମର୍ଶ ଦିଆଯାଇଛି। ସେହିପରି ଜିଲାର ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ମଧ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। କେବଳ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦୁର୍ଘଟଣାରେ ନାବାଳିକା ଗୁରୁତର: ପୋଲିସର ତଦନ୍ତ

**ବନ୍ତ,୧୪।୩(ସ୍ୱ.ପ୍ର.)-**ବନ୍ତ ବ୍ଲକ ଆଗରପଡ଼ା ବଜାରର ତୋଫାବିବି ସ୍କୁଲ ନିକଟରେ ଗତ ୧୦ ତାରିଖରେ ଅଟୋ ଓଲଟି ଜଣେ ନାବାଳିକା ଗୁରୁତର ହୋଇଥିଲେ। ଗୁରୁତର ନାବାଳିକା ହେଲେ ଆଗରପଡା ଥାନା କୁଆଁର୍ଦ୍ଧା ଗ୍ରାମର ଗୋପୀନାଥ ମୁଖିଙ୍କ ଝିଅ ବର୍ଷାରାଣୀ (୯)। ବର୍ଷାଙ୍କ ଡାହାଣ ଗୋଡ଼ ଭାଙ୍ଗିଯାଇଥିବାରୁ ସେ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅଟୋ ଡ୍ରାଇଭର ଖସି ଯାଇଥିବାବେଳେ ଏ ନେଇ ଶନିବାର ଗୋପୀନାଥଙ୍କ ଅଭିଯୋଗକ୍ରମେ ଏଏସ୍‌ଆଇ ତ୍ରିନାଥ ଭୋଇ ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଅଟୋ ଡ୍ରାଇଭରଙ୍କ ବିରୋଧରେ ଥାନାରେ ଏକ ମାମଲା(ନଂ.୨୬/୨୦) ରୁଜୁ କରାଯାଇଛି।

### ଜଳିଗଲା ୪ ଧାନଗଦା

**ତିହିଡ଼ି,୧୪।୩(ଡି.ଏନ.ଏ.)-**ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ହଂସପାଟ ଗ୍ରାମରେ ଶନିବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ଚଗଲା ମାଝୀଙ୍କ ୪ଟି ଧାନଗଦା ଜଳିଯାଇଛି। ଧାନପିଟା ମେଶିନରୁ ନିଆଁ ଉଠି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ଏଥିରେ ୧୦୦ରୁ ଅଧିକ ବସ୍ତା ଧାନ ଜଳିଯାଇଛି। ଗଦିରୁ ଅଗ୍ନିଶମ ବିଭାଗ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ।

### ଶ୍ରୀଚୈତନ୍ୟ ସେବା ସମିତି ପକ୍ଷରୁ ନାମସଂକୀର୍ତ୍ତନ

**ଭଣ୍ଡାରିପୋଖରୀ,୧୪।୩(ଡି.ଏନ.ଏ)-**ଭଣ୍ଡାରିପୋଖରୀ ବ୍ଲକ ଚନ୍ଦ୍ରଭାନୁପୁର ଗ୍ରାମଠାରେ ଶ୍ରୀଚୈତନ୍ୟ ସେବା ସମିତି ପକ୍ଷରୁ ଅଷ୍ଟପ୍ରହରୀ ହରିନାମ ସଂକୀର୍ତ୍ତନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ କର୍ତ୍ତା ଭାବେ ରଜନୀକାନ୍ତ ଚନ୍ଦ ଘଟ ସ୍ଥାପନ କରିଥିଲେ। ମନୋରଞ୍ଜନ ନାୟକ, ହରିହର ବେହେରା, ସତ୍ୟସୁନ୍ଦର ଦାସ ଓ ସମୀର ଖଣ୍ଡୁଆଳଙ୍କ ଦ୍ୱାରା ପାର୍ଶ୍ୱଘଟ ସ୍ଥାପନା ପୂର୍ବକ ନାମସଂକୀର୍ତ୍ତନ ଶୁଭାରମ୍ଭ ହୋଇଥିଲା। ବୈଦିକ ବିଧି ଅନୁଯାୟୀ ସ୍ଥାନୀୟ ପୋଖରୀରୁ ଘଟ ପୂଜା ସମ୍ପନ୍ନ ହୋଇଥିଲା। ବଯାଁବନାପୁର, ଖପୁରିଆପଦା, ଓଲା, ରାମଚନ୍ଦ୍ରପୁର, ମଞ୍ଜୁରୀ ଓ ସରପଦା ଅଞ୍ଚଳରୁ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିଲେ। ସରପଞ୍ଚ ପ୍ରଶାନ୍ତ କୁମାର ସାହୁ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ଯାତାୟାତରେ ବାଧକ ଖୋଲାନାଳ



ଖୋଲାନାଳ ପୋଲ ନାହିଁ।

- ପୋଲ ନାହିଁ, ଲୋକେ ହଇରାଣ
- କାମରେ ଆସୁନି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ

**ଭଣ୍ଡାରିପୋଖରୀ,୧୪।୩(ଡି.ଏନ.ଏ.)**

ଗ୍ରାମାଞ୍ଚଳରେ ଲୋକେ ସୁବିଧାରେ ଯାତାୟାତ କରିବା ଲାଗି ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ କେତେକ ସ୍ଥାନରେ ବ୍ୟବସ୍ଥାଗତ ତ୍ରୁଟି ଯୋଗୁ ରାସ୍ତା ନିର୍ମାଣ ହୋଇଥିଲେ ମଧ ତାହା ଜନସାଧାରଣଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ବାହାଣିଆ ନିକଟ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଟି୨ ନାମରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ବରାହ ନୂଆପଡ଼ା ଗ୍ରାମକୁ ନିର୍ମାଣ ହୋଇଛି। ମାତ୍ର ଏହି ଗ୍ରାମ ନିକଟରେ ଥିବା ଖୋଲାନାଳ ଏବେ ଲୋକଙ୍କ ଯାତାୟାତରେ ବାଧକ ସାଜିଛି। ନାଳରେ ପୋଲ ହୋଇ ନ ଥିବାରୁ ଲୋକେ ଉକ୍ତ ରାସ୍ତା ଦେଇ ଯିବାଆସିବା କରିପାରୁନାହାନ୍ତି।

ପ୍ରକାଶ ଯେ, ଏହି ରାସ୍ତା ପାଇଁ ୨୦୧୬ରେ ତତ୍କାଳୀନ ଏମ୍‌ପି ଓ ବର୍ତ୍ତମାନର ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୩ କି.ମି. ରାସ୍ତା ପାଇଁ ୧ କୋଟି ୯୩ ଲକ୍ଷ ୯୩ ହଜାର ୮୮୪ ଟଙ୍କା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଜରିଆରେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ନୂଆପଡ଼ା ଗ୍ରାମ ଭିତରେ ରାସ୍ତା ନିର୍ମାଣ ହୋଇଥିଲେ ମଧ ପୂର୍ତ୍ତବିଭାଗ ରାସ୍ତାଠାରୁ ପ୍ରାୟ ୩୦୦ ମିଟର ରାସ୍ତା ନିର୍ମାଣ ବାକି ରହିଛି। ରାସ୍ତା ସମ୍ପୂର୍ଣ୍ଣ ପାଇଁ ବାଧକ ସାଜିଥିଲା ଖୋଲାନାଳ। ବିଭାଗର ଦୂରଦୃଷ୍ଟି ଅଭାବରୁ କେବଳ ରାସ୍ତା ନିର୍ମାଣ ସକାଶେ ଏଷ୍ଟିମେଟ କରାଯାଇ ଟେଣ୍ଡର ଡକାଯାଇଥିବାବେଳେ ନାଳ ଉପରେ ପୋଲ ଲାଗି କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଠିକାଦାର ପୂର୍ତ୍ତ ରାସ୍ତାଠାରୁ ୧୦୦ ମିଟର କାମ କରି ୨୦୦ ମିଟର ନାଳପଠା ପର୍ଯ୍ୟନ୍ତ ଛାଡ଼ି ଦେଇଛନ୍ତି। ସେହିପରି ଗାଁ ପାଖରୁ ରାସ୍ତାକାମ ହୋଇ ନାଳକୂଳ ପର୍ଯ୍ୟନ୍ତ ପ୍ରାୟ ୨୦୦ ମିଟର ଛଡ଼ାଯାଇଛି। ୩ କି.ମି. ରାସ୍ତା କାମ ଦୁଇବର୍ଷ ତଳେ ସରିଥିଲେ ମଧ ଖୋଲାନାଳ ଉପରେ ପୋଲ ନ ଥିବାରୁ ଗ୍ରାମବାସୀ ପୂର୍ବପରି ହଇରାଣ ହେଉଛନ୍ତି। ଗ୍ରାମର ସ୍କୁଲ, କଲେଜ ଛାତ୍ରୀଛାତ୍ର ଅସୁବିଧା ଭୋଗୁଛନ୍ତି। ରାସ୍ତା ବୁଲି ଯାତାୟାତ କରୁଛନ୍ତି। ଏପରିକି ଜରୁରୀ ସମୟରେ ଦମକଳ କିମ୍ବା ଆମ୍ବୁଲାନ୍ସ ଗାଁ ଭିତରକୁ ଆସିବା କଷ୍ଟକର ହୋଇପଡୁଛି। ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କ ନିକଟରେ ଅଭିଯୋଗ କରୁଥିଲେ ହେଁ କେହି ଦୃଷ୍ଟି ଦେଉ ନ ଥିବା କୁହାଯାଉଛି। ପୋଲ ନିର୍ମାଣ ସମ୍ପର୍କରେ ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଉପନିର୍ବାହୀ ଯନ୍ତ୍ରୀ ସୁଧାକର ନାୟକଙ୍କୁ ପଚାରିବାରୁ କହିଛନ୍ତି, ଉକ୍ତ ସ୍ଥାନରେ ଏକ ବ୍ରିଜ୍ ପାଇଁ ପ୍ରସ୍ତାବ ଯାଇଛି। ଅର୍ଥବରାଦ ହେଲେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

# କଟକଣା ସତ୍ତ୍ୱେ କାର୍ଯ୍ୟକ୍ରମ



ବନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଆଧାର ଫଟୋ ଉଠାଇବା ପାଇଁ ଉପସ୍ଥିତ ମହିଳା ଓ ସଂସ୍ଥାର କର୍ମଚାରୀମାନେ।

## ଆଧାର ଫଟୋ ଉଠାଇବା ଲାଗି ମହିଳାଙ୍କ ଭିଡ଼

**ବନ୍ତ,୧୪।୩(ଡି.ଏନ.ଏ.)**

ସମଗ୍ର ବିଶ୍ୱରେ ଏବେ କରୋନା ଭୟ ଲାଗି ରହିଥିବାବେଳେ ରାଜ୍ୟ ସରକାର ଏହି ମହାମାରୀକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଛନ୍ତି। ରାଜ୍ୟରେ ସମସ୍ତ ସ୍କୁଲ, କଲେଜକୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରିବା ସହିତ ସିନେମା ହଲ, ସୁଇମିଂ ପୁଲ୍ ଓ ସମସ୍ତ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ଏପରି କି ଗୋଟିଏ ସ୍ଥାନରେ ଜନଗହଳି ନ ହେବା ପାଇଁ ସରକାରୀ ଭାବେ କଡ଼ା ନିର୍ଦ୍ଦେଶ ଜାରି ହୋଇଛି। ଏଭଳି କଟକଣା ସତ୍ତ୍ୱେ ଶନିବାର ବନ୍ତ ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା। ଆଧାର କାର୍ଡ ପାଇଁ ସମ୍ପୃକ୍ତ ସଂସ୍ଥାର କର୍ମଚାରୀମାନେ ମହିଳାମାନଙ୍କୁ ଏକତ୍ର କରି ଫଟୋ ଉଠାଉଥିବା ଅଭିଯୋଗ ହୋଇଥିଲା। ଆଧାର ଫଟୋ ଉଠାଇବାକୁ ପୂର୍ବାହ୍ଣ ୧୦ଟାଠାରୁ ଅପରାହ୍ଣ ପର୍ଯ୍ୟନ୍ତ ଏଠାରେ ଶତାଧିକ ମହିଳାଙ୍କ ଭିଡ଼ ଜମିଥିଲା। ଏ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ସମ୍ପୃକ୍ତ ସଂସ୍ଥାର କର୍ମଚାରୀଙ୍କୁ କହିଥିଲେ। କର୍ମଚାରୀଙ୍କ ଏତାଦୃଶ କାର୍ଯ୍ୟରେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଭିଯୋଗ ପରେ ଆଧାର ଫଟୋ ଉଠା କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁପ୍ରସାଦ ପାତ୍ର କହିଛନ୍ତି।

ପ୍ରିୟ ଗ୍ରାହକ ଶୁଭକାମନା
ବିବାହ, ବ୍ରତଘର, ଶୁଦ୍ଧଘର ତଥା ସମସ୍ତ ପର୍ବପର୍ବାଣୀ ପାଇଁ ସମସ୍ତ ପ୍ରକାର ଲୁଗା ହୋଲ୍ ସେଲ୍ ରେଟ୍ ରେ ପାଆନ୍ତୁ !
ଆପଣମାନଙ୍କ ପାଇଁ ଖୋଲି ଗଲା
ମା ତାରିଣୀ
ହୋଲ୍ ସେଲ୍ ଲୁଗା ଗୋଦାମ
ଚରମ୍ପା ବଜାର, ଭଦ୍ରକ, ଫୋନ୍:୨୩୧୯୯୯, ୨୩୧୮୮୮

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
balasoreselfie@gmail.com



ଗୁଡି



ବାବୁ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

## ଯୁବକଙ୍କ ଆତ୍ମହତ୍ୟା ଘଟଣା: ପ୍ରେମିକାଙ୍କୁ ଦାୟୀ କଲେ ମୃତକଙ୍କ ବାପା

**ପଦ୍ମପୁର,୧୪।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅରଣ୍ଡୁଆ ପଞ୍ଚାୟତ ଅଧୀନ ନରେନ୍ଦ୍ରପୁର ଗ୍ରାମର ପ୍ରଶାନ୍ତ ସ୍ୱାଇଁ ନାମକ ଜଣେ ଯୁବକ ଗତ ୧୦ ତାରିଖରେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ବାସୁଦେବପୁର ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୨/୨୦) ରୁଜୁ ହୋଇଥିଲା। ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଶନିବାର ମୃତ ପ୍ରଶାନ୍ତଙ୍କ ବାପା ଭାବଗ୍ରାହୀ ପ୍ରେମିକାଙ୍କ ପ୍ରତାରଣା ଯୋଗୁ ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ପୁଅର ମୃତ୍ୟୁ ପାଇଁ ସମ୍ପୃକ୍ତ ଯୁବତୀ ଦାୟୀ ବୋଲି ସେ ଦର୍ଶାଇଛନ୍ତି। ପ୍ରକାଶ ଯେ, ଗତ ଦୁଇଦିନ ଧରି ମୃତ ପ୍ରଶାନ୍ତଙ୍କ ସହ ଚୁଡ଼ାମଣି ଅଞ୍ଚଳର ଜଣେ ଯୁବତୀଙ୍କ ଫଟୋ ଓ ଫୋନରେ କଥା ହେବାର ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପ୍ରଶାନ୍ତଙ୍କର ସମ୍ପୃକ୍ତ ଯୁବତୀଙ୍କ ସହ ଦୀର୍ଘଦିନ ଧରି ପ୍ରେମ ସମ୍ପର୍କ ଥିଲା। ଯୁବତୀ ଜଣଙ୍କ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଧାର ନେଇଥିଲେ। ପ୍ରଶାନ୍ତ ମାଗିବାରୁ ସେ ଟଙ୍କା ନ ଦେଇ ତାଙ୍କୁ ମରିଯିବାକୁ କହୁଥିବାର ଅଡିଓରେ ରହିଛି।

## ଅପେରା ବନ୍ଦକୁ ନେଇ ଉତ୍ତେଜନା

**ପଦ୍ମପୁର/ବାସୁଦେବପୁର, ୧୪।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଦୋଳ ମେଳଣ ପରେ ଅପେରା କାର୍ଯ୍ୟକ୍ରମ ଚାଲିଥିଲା। କିନ୍ତୁ ଶୁକ୍ରବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଏହାକୁ ବନ୍ଦ କରାଯିବାକୁ ନେଇ ବିଭିନ୍ନ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁସାରେ, ସନ୍ଧ୍ୟାରେ ଗଦଳା, ବାଲିମେଦ, କମାରଗାଁ ଓ ଲକ୍ଷ୍ମୀପ୍ରସାଦଠାରେ ଅପେରା ପାଇଁ ଟେଣ୍ଟ ମରାଯିବା ସହ ଟିକେଟ୍ ବିକ୍ରି ମଧ ସରିଥିଲା। ଯାତ୍ରା କମିଟି ସମସ୍ତ ନୀତିନିୟମ ଅନୁଯାୟୀ ଅନୁମତି ଲାଗି ଆବେଦନ କରିଥିଲେ। ହେଲେ ଜିଲା ପ୍ରଶାସନ ପକ୍ଷରୁ ଯାତ୍ରା କମିଟିକୁ ଅନୁମତି ଦିଆଯାଇ ନ ଥିଲା। ବାସୁଦେବପୁର ଥାନାଧିକାରୀ ମଧୁମିତା ମହାନ୍ତି ଓ ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ କମିଟିକୁ ଯାତ୍ରା ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଯାତ୍ରା ଦେଖିବା ଲାଗି ଟିକେଟ୍ କିଣିଥିବା ଲୋକେ ରାତିରେ ଏକଜୁଟ ହୋଇ ପାଟିତୁଣ୍ଡ କରିଥିଲେ। ପରେ ଯାତ୍ରା କମିଟିର କର୍ମକର୍ତ୍ତାମାନେ ସେମାନଙ୍କୁ ଟିକେଟ୍ ଟଙ୍କା ଫେରାଇଥିଲେ। ଏହି ସମୟରେ ଇରମଠାରେ ଅପେରା ମଞ୍ଚସ୍ଥ ହେଉଥିବାର ଖବର ମିଳିଥିଲା। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ପୂର୍ବରୁ ଅନୁମତି ଦିଆଯାଇଥିବା ସ୍ଥାନରେ ଅପେରା ଅନୁଷ୍ଠିତ ହେବ। ଶୁକ୍ରବାରଠାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଉ ନୂଆ ଅନୁମତି ଦିଆଯିବ ନାହିଁ। ଅପରପକ୍ଷେ ସ୍ଥାନୀୟ ବୁଦ୍ଧିଜୀବୀମାନେ ଏହାକୁ ନିନ୍ଦା କରିଛନ୍ତି। ପ୍ରଶାସନ କେବଳ ନିର୍ଦ୍ଦେଶନାମା ଦେଇ ଅପେରା କିମ୍ବା ସ୍କୁଲ ବନ୍ଦ କରିଦେଲେ କରୋନା ବ୍ୟାପିବନି, ଏହା ଏକ ପ୍ରହସନ। ଏଥିପାଇଁ ଆବଶ୍ୟକ ସଚେତନତା ସୃଷ୍ଟି କରିବା ସହ ଡାକ୍ତରୀ ଚିକିତ୍ସା ଯୋଗାଇବାକୁ ପ୍ରସ୍ତୁତ ରହିବା ଦରକାର ବୋଲି ସେମାନେ ମତପ୍ରକାଶ କରିଛନ୍ତି।

## ଜୁଆ ଖେଳ ଚାଲିଥିବା ବେଳେ ଚଢାଉ

**କପ୍ତିପଦା,୧୪।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଛଣପଟା କେନାଲ ଆଡିରେ ଶନିବାର ସନ୍ଧ୍ୟାରେ ଜୁଆ ଖେଳ ହେଉଥିବା ଖବରପାଇ ପୋଲିସ ଚଢାଉ କରିଥିଲା। ଘଟଣାସ୍ଥଳରୁ ୫ଟି ବାଇକ୍, ୫୨ ଖଣ୍ଡ ତାସ୍ ଓ ଗୋଟିଏ ମୋବାଇଲ ଜବତ କରାଯାଇଛି। ଜୁଆ ଖେଳୁଥିବା ଯୁବକମାନଙ୍କ ମଧ୍ୟରୁ ଜଣେ ଧରାପଡିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ପୋଲିସ କାବୁ କରିଥିବା ଯୁବକ ଜଣକ ଆହତ ହୋଇଥିବାରୁ ତାଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ସଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି।

## ବାର୍ ଆସୋସିଏଶନ ନିର୍ବାଚନ ନେଇ ତତ୍ପରତା

**ରାଇରଙ୍ଗପୁର,୧୪।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବାର୍ ଆସୋସିଏଶନ ପକ୍ଷରୁ ଆସନ୍ତା ୨୮ ତାରିଖରେ ହେବାକୁ ଥିବା ନିର୍ବାଚନ ଲାଗି ତତ୍ପରତା ପ୍ରକାଶ ପାଇଛି। ଆସୋସିଏଶନର ବିଭିନ୍ନ ଆସନ ସକାଶେ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରି ପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ସଭାପତି ପଦ ଲାଗି ଜିମୂତକାନ୍ତି କବି, ଅକ୍ଷୟ କୁମାର ମହାନ୍ତି, ରାମଚନ୍ଦ୍ର ସାହୁ ପ୍ରାର୍ଥୀ ଥିବା ବେଳେ ସମ୍ପାଦକ ପଦବୀ ଲାଗି ମନୋଜ କୁମାର ଦାସ(ବି), ରାମେଶ୍ୱର ଅଧିକାରୀ, ରାଜେନ୍ଦ୍ର ପ୍ରସାଦ ରାମ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦ ଲାଗି ବୀର କିଶୋର ମହାପାତ୍ର ଓ ମନୋଜ ଦାସ ପ୍ରମୁଖ ପ୍ରାର୍ଥୀ ଥିବା ବେଳେ ଯୁଗ୍ମ ସମ୍ପାଦକ ପଦ ଲାଗି ହରେକୃଷ୍ଣ ମହାକୁଡା,ପ୍ରଦୀପ କୁମାର ମଣ୍ଡଳ, ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ କୋଷାଧକ୍ଷ ପଦବୀ ଲାଗି ଲକ୍ଷ୍ମଣ କୁମାର ମାଝୀ, ରଘୁନାଥ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୦ କାର୍ଯ୍ୟକାରୀ ସଦସ୍ୟ ଆସନ ନିମନ୍ତେ ୧୧ଜଣ ପ୍ରାର୍ଥୀ ଥିବା ଜଣାପଡିଛି। ଏହି ନିର୍ବାଚନ ପରିଚାଳନା ସକାଶେ ବାର୍ ଆସୋସିଏଶନ ସଦସ୍ୟ ଜହର କୁମାର ମଣ୍ଡଳ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି।

## ମଞ୍ଜୁରିରୋଡ ଦୋଳ ମେଳଣ

**ଭଣ୍ଡାରିପୋଖରୀ,୧୪।୩(ଡି.ଏନ.ଏ)**

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡଠାରେ ଦୋଳ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ରାତିରୁ ମେଳଣ ଆରମ୍ଭ ହୋଇ ଶନିବାର ମଧାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଯାଜପୁର ଜିଲା ସମେତ ସ୍ଥାନୀୟ ଅଞ୍ଚଳର ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ଶୋଭାଯାତ୍ରାରେ ଆସି ମେଳଣ ମଣ୍ଡପରେ ବିଜେ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଓ ମେଳଣ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସାନଶାସନ ପଞ୍ଚାୟତ ସୁଦାବାଜ ଓ ଦେଓପଦାଠାରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି।



ଶୋଭାଯାତ୍ରାରେ ଠାକୁରଙ୍କ ବିମାନ।

## ମନ୍ଦିରର ୩ ଦିନିଆ ବାର୍ଷିକ ଉତ୍ସବ ସମାରୋହ

**କପ୍ତିପଦା,୧୪।୩(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ନୁଦଡ଼ିହାସ୍ଥିତ ତଲିଆ ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ୩ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି । ପ୍ରଥମ ଦିବସରେ ଅଧିବାସ, ଅଙ୍କୁରାରୋପଣ କର୍ମ ସମାପନ ପରେ ପିଙ୍ଗୁ ଗ୍ରାମ ପୋଖରୀରୁ ବରୁଣାର୍ଚ୍ଚନ କରାଯାଇ ୧୦୮ କଳସ ଶୋଭାଯାତ୍ରାରେ ଅଣାଯାଇ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା । ଯଜ୍ଞର କର୍ତ୍ତାଭାବେ ପ୍ରଫୁଲ୍ଲ ଖଟୁଆ, ସତ୍ୟାନନ୍ଦ ଦଳେଇ, ମାନସ ହୋତା ଓ ତାଙ୍କର ସହଧର୍ମିଣୀମାନେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ପୂର୍ଣ୍ଣାହୁତି ଦିବସରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଉଦଳା ନିର୍ବାଚନ ମଣ୍ଡଳୀର ବିଧାୟକ ଭାସ୍କର ଚନ୍ଦ ମଢ଼େଇ, ମୁଖ୍ୟବକ୍ତାଭାବେ ସୁଦର୍ଶନ ପ୍ରଧାନ, ସ୍ୱତନ୍ତ୍ର ଅତିଥିଭାବେ ପୋଡ଼ାଡ଼ିହା ରେଞ୍ଜର ମଦନମୋହନ ମହାନ୍ତ, ସମ୍ମାନନୀୟ ଅତିଥିଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାରରଞ୍ଜନ ମୋଦି, ନୁଦଡ଼ିହା ସରପଞ୍ଚ କାହ୍ନୁଚରଣ ସୋରେନ୍, ଖବରଦାତା ପ୍ରମିଳା ପଣ୍ଡା, ଉଦଳା ବଣିକ ସଂଘର ପ୍ରାକ୍ତନ ସଭାପତି ପ୍ରଭାତ ପରିଡ଼ା, ମନ୍ଦିର ପରିଚାଳନା କମିଟିର ସଭାପତି ଲଛମନ ମହାନ୍ତି, ସମ୍ପାଦକ ଧନେଶ୍ୱର ବିଶ୍ୱାଳ, ସାଂସ୍କୃତିକ ସଭାପତି ସର୍ବେଶ୍ୱର ରାଉତ, ସମ୍ପାଦକ ସରୋଜ ମହାନ୍ତି, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ୍ ଗଣନାଥ ମହାନ୍ତିଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ପରେ ଭକ୍ତିସଂଗୀତ ପରିବେଷଣ କରାଯାଇଥିଲା ।



କଳସ ଶୋଭାଯାତ୍ରା।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

**ଧାମନଗର,୧୪।୩(ଡି.ଏନ.ଏ.)**

ଧାମନଗର କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୪ ମାଟ୍ରିକ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଦିଲୀପ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ପୂର୍ବତନ ପ୍ରଧାନଶିକ୍ଷକ ନିମାଇଁ ରାଉତ, ମୁଖ୍ୟବକ୍ତା ଶରତ ବାରିକ ଓ ସମ୍ମାନିତ ଅତିଥିଭାବେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

**UTKAL GRAMEEN BANK**
HEAD OFFICE, BOLANGIR
**PUBLIC NOTICE**
Utkal Grameen Bank is a scheduled commercial Bank owned by Government of India, State Bank of India and Government of Odisha. Under CTS clearing system, we were sub-member through Yes Bank which is now under moratorium imposed by RBI. Our relationship with Yes Bank was limited only to avail CTS clearing facility. We are in advanced stage of making alternative arrangements for participation in CTS clearing shortly. All other transactions are continuing in the Bank in a normal manner without any disruptions. We request our esteemed customers to bear with us for some more time for resuming CTS clearing.
CHAIRMAN

**ସଂକ୍ଷେପରେ**

## ୩ ମୃତ ଚାଷୀଙ୍କ ପରିବାରକୁ ୫ଲକ୍ଷ ଲେଖାଏ ସହାୟତା

**ଜଳେଶ୍ୱର, ୧୪।୩(ସ୍ୱ.ପ୍ର.):** ଭଦ୍ରକ-ବାଲେଶ୍ୱର ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ ଚାଷୀମାନଙ୍କୁ ବୀମାରାଶି ସହାୟତା କରିବାରେ ଦେଶର ସର୍ବଶ୍ରେଷ୍ଠ ବ୍ୟାଙ୍କ ବୋଲି ଶୁକ୍ରବାର ଜଳେଶ୍ୱର ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ବ୍ୟାଙ୍କର ସଭାପତି ରଘୁନାଥ ଲେଙ୍କା ପ୍ରକାଶ କରିଛନ୍ତି। ବ୍ୟାଙ୍କ ନିର୍ଦ୍ଦେଶକ ମାନସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭଦ୍ରକ-ବାଲେଶ୍ୱର ସେଣ୍ଟ୍ରାଲ କୋ-ଅପରେଟିଭ୍ ସଭାପତି ଲେଙ୍କା, ଅନ୍ୟତମ ନିର୍ଦ୍ଦେଶକ ଆଶିଷ କୁମାର ପାତ୍ର ଯୋଗ ଦେଇଥିଲେ। ତେଘରୀ ସେବା ସମବାୟ ସମିତି ଅଧୀନ ସୁଖଦୁଃଖିଆ ଗାଁର ଜଗନ୍ନାଥ ପ୍ରମାଣିକଙ୍କର ରାସ୍ତା ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ତାଙ୍କ ଭାଇ ବଳରାମ ପ୍ରମାଣିକଙ୍କୁ, ଅଲାଲପୁର ସେବା ସମବାୟ ସମିତି ଅଧୀନ ନହଞ୍ଜରା ଗ୍ରାମର ରମେଶ ଚନ୍ଦ୍ର ଚନ୍ଦଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ତାଙ୍କ ପତ୍ନୀ ବାସନ୍ତୀ ଚନ୍ଦ ଓ ଆର୍‌ଆର୍‌ପୁର ସେବା ସମବାୟ ସମିତି ଅଧୀନ ଚାଲନ୍ତି ଗାଁର ପ୍ରକାଶ ଚନ୍ଦ୍ର ନାୟକଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ତାଙ୍କ ପତ୍ନୀ ଶାନ୍ତିଲତା ନାୟକଙ୍କୁ ୫ଲକ୍ଷ ଲେଖାଏଁ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ଉକ୍ତ ୩ ସମବାୟ ସମିତିର ସମ୍ପାଦକ ସତ୍ୟବ୍ରତ ଦାସ, ଜୟନ୍ତ କୁମାର ପାତ୍ର ଓ ନାରାୟଣ ଚନ୍ଦ୍ର ଦାସଙ୍କ ସହିତ ୧୯ଟି ସେବାସମବାୟ ସମିତିର ସମ୍ପାଦକମାନେ ଉପସ୍ଥିତ ଥିଲେ। ଶେଷରେ ଶାଖା ପରିଚାଳକ ମୃତ୍ୟୁଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସରିଲା ହରିହର ମିଳନ ମହୋତ୍ସବ

**ଖଇରା, ୧୪।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ବଟେଶ୍ୱରସ୍ଥିତ ପ୍ରସିଦ୍ଧ ହରିହର ଦୋଳ ମିଳନ ମହୋତ୍ସବ ବୁଢାମହାଦେବ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ଅତୁଲ୍ୟ କୁମାର ଦାଶ, ଶରତ କୁମାର ପଣ୍ଡା, ସଞ୍ଜୟ କୁମାର ମିଶ୍ରଙ୍କ ଦ୍ୱାରା କଳସ ଅଣାଯାଇଥିଲା। ଶଶାଙ୍କ ଶେଖର ପତ୍ରୀ ଓ ଜଗନ୍ନାଥ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ ସମ୍ପନ୍ନ ହୋଇଥିଲା। ନୀଳଗିରିରୁ ଆସିଥିବା



ଦୃଷ୍ଟିହୀନ କଳାକାରଙ୍କ ଦ୍ୱାରା ଭଜନ ପରିବେଷିତ ହୋଇଥିଲା। ୩୫ରୁ ଉର୍ଦ୍ଧ୍ୱ ଦୋଳ ବିମାନ ଜାକଜମକରେ ବାଜା ରୋଶଣି ମଧ୍ୟରେ ମେଳାମଣ୍ଡପରେ ବିରାଜମାନ କରିଥିଲେ। ଛୋଟ ଛୋଟ ପିଲାଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ ନୃତ୍ୟ ଦର୍ଶକଙ୍କ ମନକୁ ଛୁଇଁ ପାରିଥିଲା। ମିଳନ କମିଟିର ସଭାପତି ସୁଧାଂଶୁ ଶେଖର ଦାସ, ସମ୍ପାଦକ ମୁରଲୀଧର ଦାସ, ଭୋଳାନାଥ ମହାପାତ୍ର, କୃଷ୍ଣଚନ୍ଦ୍ର ପତ୍ରୀ, ପଦ୍ମଲୋଚନ ମହାପାତ୍ର, ସନ୍ତୋଷ କୁମାର ଶତପଥୀ, ଡମ୍ବରୁଧର ମହାପାତ୍ର ପ୍ରମୁଖଙ୍କ ଦ୍ୱାରା ମିଳନ ଓ ମହୋତ୍ସବ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ରମାକାନ୍ତ ପଣ୍ଡା, କେଶବ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଦିଅଁମାନଙ୍କର ଫୁଲ, ଅବିର କାର୍ଯ୍ୟ କରାଯାଇଥିଲା।

# ସ୍ଥିତି ହରାଇଛି ଐତିହାସିକ କୋଷ୍ଟ କେନାଲ

**ସୁକାନ୍ତ କୁମାର ଗିରି**
**ବାଲିଆପାଳ, ୧୪।୩**



ବାଲିଆପାଳରେ ପୋତି ହୋଇଯାଇଥିବା କୋଷ୍ଟ କେନାଲ।

- **କଥାରେ ଅଟକିଛି ପୁନରୁଦ୍ଧାର ଯୋଜନା**
- **କେନ୍ଦ୍ରକୁ ଯାଇଛି ପ୍ରସ୍ତାବ, ହୋଇନି ଅନୁମୋଦନ**

ବ୍ରିଟିଶ ଅମଳରେ ଜଳପଥରେ ଗମନାଗମନ, ନୌବାଣିଜ୍ୟ ଲାଗି ଖୋଲାଯାଇଥିବା ଓଡ଼ିଶା କୋଷ୍ଟ କେନାଲ ଏବେ ସ୍ଥିତି ହରାଇ ବସିଛି। ଦେଶ ସ୍ୱାଧୀନ ହେବା ପରେ ସ୍ଥାନୀୟ ଚାଷୀ ଜଳସେଚନ କାର୍ଯ୍ୟରେ ଏହି କେନାଲକୁ ବ୍ୟବହାର କରୁଥିଲେ। କ୍ରମେ ବିଭିନ୍ନ ସ୍ଥାନରେ ଏହା ପୋତି ହୋଇପଡିବାରୁ ଆଉ ଲୋକଙ୍କ କାମରେ ଆସୁନାହିଁ। କୋଷ୍ଟ କେନାଲ ପୁନରୁଦ୍ଧାର ଲାଗି ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା କରିଥିଲେ ମଧ୍ୟ ତାହା କେବଳ କାଗଜକଲମରେ ସୀମିତ ରହିଛି। କୋଷ୍ଟ କେନାଲ ପାର୍ଶ୍ୱ ସରକାରୀ ଜାଗା ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ଯେଉଁଠି କିଛି ମାତ୍ରାରେ କେନାଲର ସ୍ଥିତି ଅଛି, ସେଠାରେ ଏହା କେବଳ ବେଆଇନ ଚିଙ୍ଗୁଡ଼ି ଝିଲି କରିଥିବା ବ୍ୟବସାୟୀଙ୍କ କାମରେ ଆସୁଛି। ଐତିହାସିକ କୋଷ୍ଟ କେନାଲର ପୁନରୁଦ୍ଧାର ହେଲେ ଚାଷୀ ଜଳସେଚନ ସୁବିଧା ପାଇବେ ଏବଂ ଅଞ୍ଚଳର ପର୍ଯ୍ୟଟନ ବିକାଶ ହେବ ବୋଲି ଲୋକେ ଆଶା ରଖିଥିଲେ। କିନ୍ତୁ ପୁନରୁଦ୍ଧାର ଯୋଜନା ଦିଗହରା ହେବାରୁ ଏହା ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି।

ଉଲ୍ଲେଖନୀୟ ଯେ, ବ୍ରିଟିଶ ଅମଳରେ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶାରେ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିଲା। ସେତେବେଳେ ଜଳସେଚନ ଓ ଜଳପଥ ପରିବହନ ଲକ୍ଷ୍ୟ ନେଇ ବ୍ରିଟିଶ ସରକାର ଆନ୍ତଃ ପ୍ରାଦେଶିକ ଯୋଗାଯୋଗ ଲାଗି କୋଷ୍ଟ କେନାଲ ଖୋଲାଇଥିଲେ। ଏହା କାର୍ଯ୍ୟକ୍ଷମ ହେବା ପରେ ସୁନାବ୍ୟା ହେଲା। ବଡ଼ ବଡ଼ ନୌକା, ବୋଟ୍, ମୋଟର ଲଞ୍ଚ ସହଜରେ ଯା'ଆସ କରୁଥିଲା। ଉକ୍ତ କେନାଲ ପଶ୍ଚିମବଙ୍ଗର ହୁଗୁଳି ନଦୀ ନିକଟ ଗେଉଁଖାଲିରୁ ନାସିରାବାଦ ପର୍ଯ୍ୟନ୍ତ ୯୧ କି.ମି. ଅତିକ୍ରମ କରି ଓଡ଼ିଶାର ଭୋଗରାଇ, ବାଲିଆପାଳ ଓ ଭଦ୍ରକର ଚାରବାଟିଆଠାରେ ମତେଇ ନଦୀରେ ମିଶିଥିଲା। ୧୪୭ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏହି କୋଷ୍ଟ କେନାଲ ଏବେ ପୁନରୁଦ୍ଧାର ହୋଇ ନ ପାରି ଅକାମୀ ହୋଇପଡିଛି। ସଡ଼କ ଓ ରେଳ ପରିବହନ ବ୍ୟବସ୍ଥା ଆରମ୍ଭ ହେବା ପରଠାରୁ ଏହି କେନାଲ ଯେମିତି ଅଲୋଡ଼ା ହୋଇଯାଇଛି। କୋଷ୍ଟ କେନାଲର ପୁନରୁଦ୍ଧାର ଯୋଜନା ସମ୍ପର୍କରେ ଜଳସେଚନ ବିଭାଗ ଯନ୍ତ୍ରୀ ଜୟକୃଷ୍ଣ ବେହେରାଙ୍କୁ ପଚାରିବାରୁ କହିଛନ୍ତି, ଏନେଇ କେନ୍ଦ୍ର ଜଳ ସମ୍ପଦ ବିଭାଗକୁ ମେଗା ପ୍ରୋଜେକ୍ଟ ପଠାଯାଇଛି, ମାତ୍ର ଏହା ଅନୁମୋଦନ ହୋଇନାହିଁ। କୋଷ୍ଟ କେନାଲ ବନ୍ଧର ମରାମତି ପାଇଁ ୨ବର୍ଷ ତଳେ ଯେଉଁ କାମ ହୋଇଥିଲା ତାହା ସେତିକିରେ ସୀମିତ ହୋଇରହିଛି। ରାଜନୈତିକ ଇଚ୍ଛାଶକ୍ତି ନ ହେଲେ ଏହାର ପୁନରୁଦ୍ଧାର ସମ୍ଭବ ନୁହେଁ ବୋଲି କହିଛନ୍ତି ଡ୍ରେନେଜ ବିଭାଗ ଯନ୍ତ୍ରୀ ସୁଧୀର କୁମାର ପରିଡ଼ା। ଏ ବାବଦରେ ତହସିଲଦାର ପ୍ରଦୀପ କୁମାର ଦାସଙ୍କୁ ପଚାରିବାରୁ କୋଷ୍ଟ କେନାଲ ଜମିକୁ ଜବରଦଖଲ କରିଥିବା ବେଆଇନ ଝିଲି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏମ୍‌ପି, ବିଧାୟକ ଓ ଲୋକପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ କୁଶଧ୍ୱଜ ଜେନା, ଅନନ୍ତ ରାଉତ, ମନ୍ମଥ ପାତ୍ର, ଅନନ୍ତ ଜେନା, ଅନୁଜ ମହାପାତ୍ର, ଅରୁଣ ଜେନା, ରାଜେଶ ଚୌଧୁରୀ ପ୍ରମୁଖ ଦାବି କରିଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

## ଟୋକନ ପାଇ ବି ଧାନ ବିକିପାରୁନି ଚାଷୀ

**ରୂପସା, ୧୪।୩(ଡି.ଏନ୍.ଏ./ବସ୍ତା)**

**୨୦ରେ କଂଗ୍ରେସ ପକ୍ଷରୁ ତହସିଲ ଅଫିସ ଘେରାଉ**

ବାଲେଶ୍ୱର ଜିଲା ବସ୍ତା ବ୍ଲକର ସମସ୍ତ କୃଷି ସେବା ସମବାୟ ସମିତିରେ ଧାନକିଣାରେ ଅନିୟମିତତା ହେଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଟୋକନ ପାଇ ବି ସମିତିରେ ଚାଷୀ ଧାନ ବିକ୍ରି କରିପାରୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଟୋକନପ୍ରାପ୍ତ ଚାଷୀଙ୍କଠାରୁ ଧାନକିଣା ଦିଗରେ ସରକାର ପଦକ୍ଷେପ ଗ୍ରହଣ ନ କଲେ ଆସନ୍ତା ୨୦ତାରିଖରେ ଚାଷୀଙ୍କୁ ନେଇ ବସ୍ତା ତହସିଲ ଘେରାଉ କରାଯିବ ବୋଲି ବାହାର୍ଦ୍ଦା ଡାକବଙ୍ଗଳାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା, ସମିତିସଭ୍ୟ ରବୀନ୍ଦ୍ର କୁମାର ଦାସ, କୃଷକ ସେଲ୍ ଜିଲା ସାଧାରଣ ସମ୍ପାଦକ ଜୟନ୍ତ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଜୟ କୁମାର ସାହୁ, ଯୁବ କଂଗ୍ରେସ ସଭାପତି ସୁଧାଂଶୁ ଶେଖର ଜେନା, ପୂର୍ବତନ ସମିତିସଭ୍ୟ କିଶୋର ପାଲ, ସୃଷ୍ଟିଧର ମହାଳିକ, ନରେନ୍ଦ୍ର ଦାସ, ବିମ୍ବାଧର ବେହେରା ପ୍ରମୁଖ ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଖୁବ୍ ଗର୍ଜିଥିଲେ। ଖରିଫ ଧାନ ଚାଷୀଙ୍କଠାରୁ ଠିକ୍ ଭାବେ କିଣାଯାଇ ନ ଥିବାବେଳେ ରବି ଧାନ ପାଇଁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରାଯିବ। ଏହା ସରକାରଙ୍କ ଅପାରଗତା ବୋଲି କଂଗ୍ରେସ କମିଟି କର୍ମକର୍ତ୍ତାମାନେ ସମାଲୋଚନା କରିଥିଲେ। ଅନ୍‌ଲାଇନରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ବହୁ ଚାଷୀଙ୍କୁ ଏଯାବତ୍ ଧାନ ବିକ୍ରି ପାଇଁ ଟୋକନ୍ ମିଳି ନ ଥିବା ବେଳେ କେତେକ ଚାଷୀଙ୍କୁ ଏକାଧିକ ଥର ଟୋକନ ମିଳିବା ପାତରଅନ୍ତର ନୀତି ବୋଲି ଅଭିଯୋଗ ହୋଇଥିଲା। ଏ ନେଇ କଂଗ୍ରେସ କମିଟି ପକ୍ଷରୁ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ହେଁ ଏଯାବତ୍ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଫଳରେ ଆସନ୍ତା ୨୦ ତାରିଖରେ ଦଳ ପକ୍ଷରୁ ଚାଷୀଙ୍କୁ ନେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜୋର୍‌ଦାର ଆନ୍ଦୋଳନ କରାଯିବାର ନିଷ୍ପତ୍ତି ନିଆଯାଇଛି।

# ରାଜ୍ୟସ୍ତରୀୟ ଆଦିବାସୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ



ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ଖେଳାଳିଙ୍କ ସହ ଅତିଥି।

**ବାଲିଆପାଳ, ୧୪।୩(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ଅନ୍ତର୍ଗତ ବାସୁଦେବପୁର ଗ୍ରାମ ସୁବର୍ଣ୍ଣରେଖା ଗ୍ରାମୀଣ ଦୋଳ ମହୋତ୍ସବ ଆନୁକୂଲ୍ୟରେ ଏକ ରାଜ୍ୟସ୍ତରୀୟ ଆଦିବାସୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଆରମ୍ଭ ହୋଇଯାଇଛି। ଓଡ଼ିଶା ପ୍ରାଇଡ୍‌ର ସଭାପତି ତଥା ବିଶିଷ୍ଟ ସମାଜସେବୀ ମାନସ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରି ଖେଳ ମାଧ୍ୟମରେ ପରସ୍ପର ମଧ୍ୟରେ ବନ୍ଧୁତା ଓ ଭାଇଚାରା ସ୍ଥାପନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଟୁର୍ନାମେଣ୍ଟରେ ପାରାଦୀପ, ମୟୂରଭଞ୍ଜ, ବାଲେଶ୍ୱର ସମେତ ୧୬ଟି ଫୁଟ୍‌ବଲ ଦଳ ଯୋଗଦେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଏମ୍‌ବିଜେଏସ୍‌ଏସ୍ ଟିମ୍ ସହିତ ଶ୍ରୀଲଙ୍କା ଲଙ୍କା ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ରେଫରି ଭାବେ ପ୍ରୀତମ ମାଝି, ସଞ୍ଜୀବ ଭଟ୍ଟାଚାର୍ଯ୍ୟ, ସଞ୍ଜୟ ମୁର୍ମୁ ଯୋଗଦେଇ ଖେଳ ପରିଚାଳନା କରିଥିଲେ। କମିଟି ସଦସ୍ୟ ଅର୍ଦ୍ଧେନ୍ଦୁ ବାରିକ ସଭା ପରିଚାଳନା କରିଥିବା ବେଳେ ସୁକୁଲ କିସ୍କୁ, କାଳୀଚରଣ ହାଁସ୍‌ଦା, କନ୍ଦା ହାଁସଦା, ନାଗ ହାଁସ୍‌ଦା, ପୁନ ହାଁସଦା, ସଞ୍ଜୟ ମୁର୍ମୁ, କମଳାକାନ୍ତ ମାଝି, ବସନ୍ତ ହାଁସଦା, ଶିବ ହାଁସଦା, ଲକ୍ଷ୍ମଣ ମୁର୍ମୁ ପରିଚାଳନାରେ ସହଯୋଗ କରିଥିଲେ।

## ବିବାହିତାଙ୍କୁ ଅପହରଣ ଅଭିଯୋଗ

**ଲଙ୍ଗଳେଶ୍ୱର, ୧୪।୩(ଡି.ଏନ.ଏ.)**

ବାଲିଆପାଳ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗତ ଫେବୃୟାରୀ ୨୩ ତାରିଖରେ ଉକ୍ତ ମହିଳାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କ ସ୍ୱାମୀ ବାପଘରେ ଛାଡିଆସିଥିଲେ। ଗତ ମାର୍ଚ୍ଚ ୧୦ତାରିଖରେ ତାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ବାଲିଆପାଳ ଥାନା ମହିଳା ଡେସ୍କ ଅଧିକାରିଣୀ ସ୍ୱର୍ଣ୍ଣପ୍ରଭା ଜେନା କହିଛନ୍ତି ଯେ, ପରିବାର ଲୋକେ ଉକ୍ତ ମହିଳାଙ୍କୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ଉକ୍ତ ମହିଳାଙ୍କର ଏକ ଶିଶୁ କନ୍ୟା ଅଛନ୍ତି।

# ୨୩୫୦ ମାମଲା ଫଇସଲା

## ୬, ୪୮, ୫୪୨ ଟଙ୍କା ଜରିମାନା ଆଦାୟ

**ବାଲେଶ୍ୱର ଅଫିସ, ୧୪।୩**

**ଜିଲାସ୍ତରୀୟ ଲୋକ ଅଦାଲତ**

ବାଲେଶ୍ୱର ଅଦାଲତ ପରିସରରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭାରପ୍ରାପ୍ତ ଅଧ୍ୟକ୍ଷ ସୋନାଲି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତାଲୁକ ଆଇନସେବା କମିଟି ଜଳେଶ୍ୱର, କନିଷ୍ଠ ଦେୱାନୀ ବିଚାର ବିଭାଗୀୟ ଅଦାଲତ, ବସ୍ତା ଏବଂ ଭୋଗରାଇ ଗ୍ରାମ୍ୟ ନ୍ୟାୟାଳୟଠାରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ୨୩୫୦ଟି ମାମଲାର ଫଇସଲା କରାଯାଇ ଜରିମାନା ୬ଲକ୍ଷ ୪୮ହଜାର ୫୪୨ ଟଙ୍କା ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି। ଏହି ଲୋକ ଅଦାଲତରେ ମୋଟ ୨୫ଟି ଦେୱାନୀ, ୬ଟି ଚେକ୍ ବାଉନ୍ସ ଜନିତ ମକଦ୍ଦମା, ୨ଟି ବୈବାହିକ ମକଦ୍ଦମା ଏହିପରି ମୋଟ ୩୩ଟି ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୨ଲକ୍ଷ ୨୧ହଜାର ୯୮୬ଟଙ୍କା ଆଦାୟ କରାଯାଇ ଥିଲା। ୨୩୧୭ଟି ରାଜସ୍ୱ ମକଦ୍ଦମାର ଫଇସଲା କରାଯାଇ ୪ ଲକ୍ଷ ୨୬ ହଜାର ୫୬୩ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଅଦାଲତକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁକୁମାର ମହାପାତ୍ର ପରିଚାଳନା କରିଥିଲେ।

**ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର ବିଭାଗ କାର୍ଯ୍ୟାଳୟରେ ଅନିୟମିତତା**

# ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ଦାବିପତ୍ର

**ବାଲେଶ୍ୱର ଅଫିସ, ୧୪।୩**

ବାଣିଜ୍ୟ କର, ଦ୍ରବ୍ୟ ଓ ସେବା କର ବିଭାଗ ଜିଲା କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ବାଲେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏଶନର ସମସ୍ତ ଆଇନଜୀବୀ ଓ କର୍ମକର୍ତ୍ତା ଏହି ଅଭିଯୋଗ ଆଣିଛନ୍ତି। ସେମାନେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଆୟୁକ୍ତ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ମଣ୍ଡଳ ବାଲେଶ୍ୱର ମୁଖ୍ୟ ଭବାନୀ ପ୍ରସାଦ ଦାସଙ୍କୁ ପ୍ରଦାନ କରିଛନ୍ତି।

ବାଲେଶ୍ୱର ଜିଲା ଅଫିସରେ ଜିଏସ୍‌ଟି ଆଇନର ବାଣିଜ୍ୟ କର ବିଭାଗର ଅଧିକାରୀମାନେ ଅଯଥା ରେଜିଷ୍ଟ୍ରେଶନରେ ବିଳମ୍ବ, ରେଜିଷ୍ଟ୍ରେଶନ କ୍ୟାନ୍‌ସଲ, କଣ୍ଟ୍ରାକ୍ଟରମାନଙ୍କର ଇନ୍‌ପୁଟ (ଆଇଟିସି) ନ ଦେବା, ବେଆଇନ ଟିକସ, ସୁଧ, ଲେଟ୍ ଫି', ଇଣ୍ଟରନେଟ୍/ସର୍ଭର ପ୍ରୋବ୍ଲେମ୍, ସେଲ୍‌ସ ଟ୍ୟାକ୍ସ ଓ ଭାଟ୍ ସମୟରେ ରିଫଣ୍ଡ ଓ ସିକ୍ୟୁରିଟି ଟଙ୍କା ରିଫଣ୍ଡ ନ ଦେବା, ସେକ୍‌ଶନ ୭୪ ଅନୁସାରେ ସମସ୍ତ ଡିଲରଙ୍କୁ ଅପମାନିତ କରିବା, ୪୦ଲକ୍ଷ ଟଙ୍କା କାରବାରରୁ କମ୍ ଥିବା ଡିଲରଙ୍କୁ ବାଧକରି ଟ୍ୟାକ୍ସ, ସୁଧ, ଲେଟ୍ ଫି' ନେବା ଓ ଆଇନକୁ ଏକପାଖିଆ ବ୍ୟବହାର କରିବା ବିଷୟରେ ଅଭିଯୋଗ ହୋଇ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ପ୍ରସାଦ ଜେନା, ଜଗଦୀଶ ପ୍ରସାଦ ଖଣ୍ଡେଲୱାଲ, ସୂର୍ଯ୍ୟକାନ୍ତ କର, ସୁବାସ ମାସନ୍ତ, ବିକ୍ରମ ମହାନ୍ତି, ଅନନ୍ତ ବାରିକ, ଚିତ୍ତରଞ୍ଜନ ଦାସ, କେଶବ ଆଚାର୍ଯ୍ୟ, ଲମ୍ବୋଦର ହୋତା, ବିଜୟ ରାଉତ, କମଳାକାନ୍ତ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ଏହାର ଅବିଳମ୍ବେ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଉପଆୟୁକ୍ତ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର ମଣ୍ଡଳ ବାଲେଶ୍ୱର ମୁଖ୍ୟ ଦାସ କହିଛନ୍ତି ଯେ, ବିଭାଗୀୟ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଜିଲା ଅଫିସ୍‌ରେ ନିୟମ ଅନୁଯାୟୀ କାମ କରାଯାଉଛି। ଆସିଥିବା ଅଭିଯୋଗଗୁଡ଼ିକ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ଚେଷ୍ଟା କରିବେ।

## ୨ ଚୋରା ମଦ ବେପାରୀ ଗିରଫ

**ବାଲିଆପାଳ/ଲଙ୍ଗଳେଶ୍ୱର, ୧୪।୩(ସ୍ୱ.ପ୍ର./ଡି.ଏନ୍.ଏ.)**

ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ସମୟରେ ୧୩୮ ଲିଟର ବିଦେଶୀ ମଦ, ୧୭୦ ଲିଟର ଦେଶୀମଦ ସମେତ ଦୁଇଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇଛି। ବାଲେଶ୍ୱର ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବିବେକାନନ୍ଦ ନାୟକଙ୍କ ନିର୍ଦ୍ଦେଶରେ ସଦର ଇନ୍ସପେକ୍ଟର ପ୍ରବୀଣ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଦଳ ବାଲିଆପାଳ ବ୍ଲକର ସିମୁଳିଆ, ଡଗରା, ପାଳପଡା ଅଞ୍ଚଳରେ ଚଢାଉ କରି ବିଦେଶୀ ଏବଂ ଦେଶୀ ମଦ ଜବତ କରିଛନ୍ତି। ଗିରଫ ଦୁଇଜଣ ହେଲେ କମଳଲୋଚନ ଦାସ ଓ ସନ୍ତୋଷ କୁମାର ପିଳା। ସିମୁଳିଆ ଅଞ୍ଚଳର ସପନ କୁମାର ମଣ୍ଡାଳ ଫେରାର ହୋଇଯାଇଛନ୍ତି। ଏହି ଚଢାଉ ଅଭିଯାନରେ ସଦର ଓଆଇସି ଅର୍ଜ୍ଜୁନ ମଲ୍ଲିକ, ବସ୍ତା ଓଆଇସି ସି ଅମ୍ପା ମାରଣ୍ଡି ଓ ଅନ୍ୟମାନେ ସାମିଲ ଥିଲେ।

## ଦୋଳ ମେଳଣରେ ପ୍ରତିଭା ଦେଖାଇଲେ ଶିଶୁ

**ବାହାନଗା, ୧୪।୩(ଡି.ଏନ.ଏ.)**

ବାହାନଗା ବ୍ଲକ ଅଭଣା ଗ୍ରାମର ଅନୁଷ୍ଠିତ ରାଜ ଦୋଳ ମେଳଣରେ ଗ୍ରାମବାସୀଙ୍କ ଦ୍ୱାରା ଶିଶୁ ଉତ୍ସବ ଆୟୋଜନ କରାଯାଇଥିଲା। ଆଖପାଖ ୩୦ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନାଚ, ଗୀତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୬ଷ୍ଠରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବରିଷ୍ଠ ବିଭାଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ସେହିପରି ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ କନିଷ୍ଠ ବିଭାଗରେ ବିଭକ୍ତ କରାଯାଇ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଲାଭ କରିଥିବା କନିଷ୍ଠବର୍ଗ ଓ ବରିଷ୍ଠ ବର୍ଗର ମୋଟ ୧୩ଜଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯାତ୍ର ପ୍ରଯୋଜକ ପର୍ଶୁରାମ ମଲ୍ଲିକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଉମେଶ ଚନ୍ଦ୍ର ମାଝି ସଂଯୋଜନା କରିଥିଲେ। ରାଜ୍ ମେଳଣ କମିଟିର ସମ୍ପାଦକ ଧିରେନ୍ଦ୍ର କୁମାର ପତି, ସହ ସଂମ୍ପାଦକ କିଶୋର ଚନ୍ଦ୍ର ପାଣିଗ୍ରାହୀ, ବିଷ୍ଣୁମୋହନ ମାଝୀ, ବାଳକୃଷ୍ଣ ପତି, ଦୁଷ୍ମନ୍ତ ପଣ୍ଡା ଏବଂ ଗୋପାଳ କୃଷ୍ଣ ପଣ୍ଡା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ଯୁବପିଢିଙ୍କ ସାମାଜିକ ଦାୟିତ୍ୱ ଉପରେ ଗୁରୁତ୍ୱ

**ସୋର, ୧୪।୩(ଡି.ଏନ୍.ଏ.)**

ସୋର ଉତ୍ତରେଶ୍ୱରସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସୋର ବ୍ଲକ ଯୁବ କେନ୍ଦ୍ର ସଂଯୋଜକ ଦୀପକ ରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଅଞ୍ଜନ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଦାମୋଦର ପଣ୍ଡା, ବରେଣ୍ୟ ଅତିଥି ଭାବେ ପଦ୍ମଲୋଚନ ପାଣିଗ୍ରାହୀ ଓ ସଞ୍ଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ବର୍ତ୍ତମାନର ଯୁବପିଢ଼ିଙ୍କ ସାମାଜିକ ଦାୟିତ୍ୱ ଓ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ନେଇ ଜନ ସଚେତନତାର ଆବଶ୍ୟକତା ନେଇ କହିଥିଲେ। ସୌମ୍ୟା ସୁଚରିତା ମହାପାତ୍ର ସ୍ୱାଗତ ଭାଷଣ, ଶଙ୍କର୍ଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଞ୍ଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# 'ସଚେତନତା ଦ୍ୱାରା ରୋକିହେବ ବାୟୁ ପ୍ରଦୂଷଣ'

**ବାଲେଶ୍ୱର ଅଫିସ, ୧୪।୩**




ସଚେତନତା କର୍ମଶାଳାରେ ଯୋଗଦେଇଥିବା ଅତିଥି ।

ବାଲେଶ୍ୱର ବାମପଦାସ୍ଥିତ ନୋସ ପ୍ରେକ୍ଷାଳୟରେ 'ଜନସାଧାରଣଙ୍କ ସହଯୋଗ ସହରରେ ବାୟୁ ପ୍ରଦୂଷଣ କମାଇବାରେ ସହାୟକ ହେବ କି' ଶୀର୍ଷକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଚିକାଗୋ ବିଶ୍ୱବିଦ୍ୟାଳୟସ୍ଥିତ ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଟାଟା ଡେଭେଲପ୍‌ମେଣ୍ଟ ସେଣ୍ଟର ମିଳିତ ଆନୁକୂଲ୍ୟରେ ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ (ନ୍ୟାଶନାଲ କ୍ଲିନ୍ ଏୟାର୍ ପ୍ରୋଗ୍ରାମ) ଅଧୀନରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବାଲେଶ୍ୱର କାର୍ଯ୍ୟାଳୟର ଆଞ୍ଚଳିକ ଅଧିକାରୀ ଡା. ପ୍ରକାଶ କୁମାର ମହାପାତ୍ର କହିଥିଲେ ଯେ, ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ବୋର୍ଡ଼, ଶିଳ୍ପାନୁଷ୍ଠାନ, ସ୍ଥାନୀୟ ପ୍ରଶାସନ ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

ଅନ୍ୟତମ ଅତିଥି ଭାବେ ବାରିପଦା ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ଡକ୍ଟର ସୁବାସ ଚନ୍ଦ୍ର ପାତ୍ର ଯୋଗଦେଇ ବାୟୁ ପ୍ରଦୂଷଣ ସମସ୍ତ ଜୀବଜଗତ ଉପରେ ପ୍ରଭାବ ପକାଉଛି ବୋଲି କହିଥିଲେ। ଡା. ମନୋରଞ୍ଜନ ପାଣିଗ୍ରାହୀ, ସୁବେଦାର୍ ମେଜର୍ ଗିରିଶ କୁମାର ଷଡ଼ଙ୍ଗୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ପରିବେଶ ଯନ୍ତ୍ରୀ ଶୁଭଦର୍ଶିନୀ ଦାସ, ଚିକାଗୋ ବିଶ୍ୱବିଦ୍ୟାଳୟସ୍ଥିତ ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର ବରିଷ୍ଠ ଡାଟା ବିଶ୍ଳେଷକ ଜ୍ୟୋତିରଞ୍ଜନ ନାୟକ ଯୋଗ ଦେଇଥିଲେ। ବାୟୁ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ଭାରତର ୧୨୨ଟି ସହର ମଧ୍ୟରୁ ବାଲେଶ୍ୱର ଅନ୍ୟତମ। ଚିକାଗୋ ବିଶ୍ୱବିଦ୍ୟାଳୟର ଏୟାର୍ କ୍ୱାଲିଟି ଲାଇଫ୍ ଇଣ୍ଡେକ୍ସ ଅନୁସାରେ ବାୟୁ ପ୍ରଦୂଷଣକୁ ରୋକାଯାଇପାରିଲେ ହାରାହାରି ପରମାୟୁରେ ୩ବର୍ଷ ବୃଦ୍ଧି ଘଟିବ। ଓଡ଼ିଶାରେ ବାଲେଶ୍ୱର, କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ରାଉରକେଲା, କଳିଙ୍ଗ ନଗର ୭ଟି ସହର ଏହି ସର୍ବାଧିକ ପ୍ରଦୂଷିତ ବା ନନ୍‌-ଆଟେନ୍‌ମେଣ୍ଟ ସହର ତାଲିକାରେ ଅନ୍ତର୍ଭୁକ୍ତ। ଜାତୀୟ ନିର୍ମଳ ବାୟୁ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୨୪ ସୁଦ୍ଧା ବାଲେଶ୍ୱରରେ ବାୟୁ ପ୍ରଦୂଷଣ ୩୦ପ୍ରତିଶତ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ବକ୍ତାମାନେ ଛାତ୍ରଛାତ୍ରୀମାନଙ୍କ ବାୟୁ ପ୍ରଦୂଷଣ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଚିକାଗୋ ବିଶ୍ୱବିଦ୍ୟାଳୟସ୍ଥିତ ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟ୍‌ର କମ୍ୟୁନିକେଶନ୍ ଏବଂ ଆଉଟ୍ ରିଚ୍ ସଂଯୋଜକ ପରଂବ୍ରହ୍ମ ତ୍ରିପାଠୀ ସଭା କାର୍ଯ୍ୟ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବିଚାରାଧୀନ କଏଦୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**କେନ୍ଦୁଝର, ୧୪।୩(ଡି.ଏନ୍.ଏ./ସ୍ୱ.ପ୍ର.)-** କେନ୍ଦୁଝର ଜିଲା ମୁଖ୍ୟ କାରାଗାରରେ ସୁକୁଲାଲ ମୁଣ୍ଡା ନାମକ ଜଣେ ବିଚାରାଧୀନ କଏଦୀ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କେନ୍ଦୁଝର ଜିଲା କାରାଗାରରେ ବିଚାରାଧିନ କଏଦୀ ଭାବେ ଥିଲେ। ସୁକୁଲାଲ ଶନିବାର ଅପରାହ୍ନରେ ହଠାତ୍ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏକ ହତ୍ୟା ମାମଲାରେ ସେ ଜଡିତ ଥବା ଥାନା ସୂତ୍ରରୁ ଜଣାପଡ଼ିଛି।

### ଅନୁକୂଳଚନ୍ଦ୍ରଙ୍କ 'ଧୃତିପାଳୀ' ମହୋତ୍ସବ

**ପାଟଣା, ୧୪।୩(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ହାଇସ୍କୁଲ ପଡିଆ ଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୨ତମ ପବିତ୍ର ଜନ୍ମ ବାର୍ଷିକୀ 'ଧୃତିପାଳୀ' ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଏକ ସୁସଜ୍ଜିତ ରଥରେ ଅନୁକୂଳ ଚନ୍ଦ୍ରଙ୍କ ଫଟୋ ଚିତ୍ରକୁ ନେଇ ଭଜନ କୀର୍ତ୍ତନ କରି ନଗର ପରିକ୍ରମା କାର୍ଯ୍ୟ ସମ୍ପନ୍ନ ହେବା ପରେ ଏକ ସତସଙ୍ଗ ଓ ଆଲୋଚନା ସଭା ରିତିକ ରବୀନ୍ଦ୍ର ପଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଠାକୁରଙ୍କ ନିୟତ କର୍ମୀ ରିତିକ ଅଭିଜିତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏଥିରେ ହଜାର ହଜାର ସଂଖ୍ୟାରେ ଗୁରୁମା, ଗୁରୁ ଭାଇ ଓ ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ।

### ଡକାୟତଙ୍କ ଆକ୍ରମଣରେ ବାପା, ଝିଅ ଗୁରୁତର

**ପାଟଣା,୧୪।୩(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଝାରବେଡା ଗାଁର ଏକ ପରିବାର ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ୬ଜଣ ସଶସ୍ତ୍ର ଡକାୟତ ବନ୍ଧୁକ ଦେଖାଇ ଲୁଟ ଉଦ୍ୟମ କରି ବିଫଳ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ ଉକ୍ତ ଗ୍ରାମର କ୍ଷୀରୋଦ ବେହେରାଙ୍କ ଘରେ ୬ଜଣ ଡକାୟତ ପଶି ଲୁଟ ଉଦ୍ୟମ କରିଥିଲେ। ଏଥିରେ ପ୍ରତିବାଦ କରିବାରୁ ଡକାୟତମାନେ ବନ୍ଧୁକରେ କ୍ଷୀରୋଦ ବେହେରା ଓ ତାଙ୍କ ଝିଅ ଅଲିଭାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଦୁହିଁଙ୍କର ମୁଣ୍ଡ ଫାଟିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ଉଭୟଙ୍କୁ କେନ୍ଦୁଝରଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଘରକୁ ଅଣା ଯାଇଛି। ଏମାନେ ସବୁ ବାଇକରେ ଆସିଥିଲେ ବୋଲି କ୍ଷୀରୋଦ ପୋଲିସକୁ ସୂଚନା ଦେଇଛନ୍ତି। ଏନେଇ ତୁରୁମୁଙ୍ଗା ପୋଲିସ ଏକ ମାମଲା (ନଂ.୨୭/୨୦) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ବନ୍ଧୁକ ଦେଖାଇ ଟଙ୍କା ଲୁଟ୍ ଘଟଣା, ଜଣେ ଗିରଫ

**ଯୋଡ଼ା, ୧୪।୩(ଡି.ଏନ.ଏ.)-** କେନ୍ଦୁଝର ଜିଲା ଯୋଡା ସହରର ବସଷ୍ଟାଣ୍ଡ ନିକଟରେ ଗତ ସୋମବାର ରାତିରେ ସତ୍ୟଜିତ ମାହାର୍ଥାଙ୍କ ଠାରୁ କେତେକ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଲୁଟ୍ ଅଭିଯୋଗରେ ପୋଲିସ ଏଥିରେ ସଂପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଯୋଡା ସହିଦ ନଗରର ସଞ୍ଜୟ୍ କୁମାର କେଶରୀ। ଏନେଇ ପୋଲିସ ଏକ ମାମଲା (ନଂ.୫୩/୨୦୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

### ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶିତ

**କେନ୍ଦୁଝର, ୧୪।୩(ଡି.ଏନ.ଏ.)-** ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ଶନିବାର ପୂର୍ବାହ୍ନରେ ପ୍ରକାଶ ପାଇଛି। ସଭାପତି ପଦବୀ ପାଇଁ ମୋଟ ୫ଜଣ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ଆଶିଷ ଚକ୍ରବର୍ତ୍ତୀ, ଅଶୋକ କୁମାର ଦାସ, ପ୍ରଦ୍ୟୁମ୍ନ କୁମାର ପରିଡା, ରାହାସ ବିହାରୀ ପୃଷ୍ଟି ଏବଂ ତୁଷାନ୍ତକାନ୍ତ ସାମନ୍ତ। ଉପସଭାପତି ପଦବୀ ପାଇଁ ବିନିତାରାଣୀ ଦାଶ, ମନୋରଞ୍ଜନ ପାଢୀ, ରବୀନ୍ଦ୍ର କୁମାର ସେଠୀ, ସେକ୍ ମହମ୍ମଦ ସାହାବୁଦ୍ଦିନ ଅଖତାର ଏହିପରି ମୋଟ ୪ଜଣ ପ୍ରାର୍ଥୀ ରହିଥିବାବେଳେ ସମ୍ପାଦକ ପଦବୀ ପାଇଁ ଆଲୋକ କୁମାର ମହାନ୍ତ, ବଳଭଦ୍ର ନନ୍ଦ, ମନୋଜ କୁମାର ବେହେରା ଓ ସଞ୍ଜୀବ କୁମାର ପାଇକରାୟ ରହିଛନ୍ତି। ଆଗାମୀ ୨୮ ତାରିଖ ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହୋଇ ସେହିଦିନ ଅପରାହ୍ନରେ ମତଗଣନା ହେବ ବୋଲି ଜଣାପଡିଛି।

# ଟାଙ୍ଗରା ଭୂଇଁ ଏବେ ସବୁଜ ବନାନୀ

**ମହେଶ୍ୱର ଦାସ**
**ଚମ୍ପୁଆ, ୧୪।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ରଙ୍ଗାମାଟିଆ ପଞ୍ଚାୟତର ବନିକା ଗ୍ରାମର ସହଦେବ ସିଂହ ପ୍ରାୟ ୫ଏକର ଜମିରେ ଜଙ୍ଗଲ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେ ନିଜ ପକେଟରୁ ଅର୍ଥ ଖର୍ଚ୍ଚ କରି ନିଜ ଜମିରେ ଏହି ଜଙ୍ଗଲ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ଏହି ଜଙ୍ଗଲରୁ ସ୍ଥାନୀୟ ମହିଳାଙ୍କୁ ସେହି ଜାଳେଣୀ କାଠ ସଂଗ୍ରହ କରିବା ପାଇଁ ମଧ୍ୟ ସେ ଅନୁମତି ଦେଇଛନ୍ତି। ଗାଁ ଆଖପାଖ ଅଞ୍ଚଳରେ ଜଙ୍ଗଲ ନ ଥିବାରୁ ମହିଳାମାନେ ଜାଳକାଠ ସଂଗ୍ରହ କରି ଉପକୃତ ହେଉଛନ୍ତି।

ସହଦେବ କହନ୍ତି ୧୯୮୧-୮୨ ମସିହାରେ ସ୍ଥାନୀୟ ଅଞ୍ଚଳରେ ଅଳ୍ପ କିଛି ରହିଥିବା ବେଳେ ରଙ୍ଗାମାଟିଆ, ବନିକା, ଟ୍ୟାମ୍ବପଶି ଗ୍ରାମାଞ୍ଚଳ ଟାଙ୍ଗାରା ଭୂଇଁ ହୋଇ ପଡି ରହିଥିଲା। ସେହି ସମୟର ମହିଳାମାନେ ଜାଳେଣି ଅଭାବ ପୂରଣ ପାଇଁ ପଡୋଶୀ ମୟୂରଭଞ୍ଜ ଜିଲା ଓ ସୀମାନ୍ତ ଝାଡଖଣ୍ଡ ଅଞ୍ଚଳର ଜଙ୍ଗଲ ଉପରେ ନିର୍ଭର କରୁଥିଲେ। ସେମାନେ ଦୀର୍ଘ ପଥ ଅତିକ୍ରମ କରି ଗଛରୁ ଝଡୁଥିବା ଶୁଖିଲା ପତ୍ର ଯୋଗାଡ କରି ଆଣୁଥିଲେ।

**ସହଦେବଙ୍କୁ ମିଳିଛି ବୃକ୍ଷ ବନ୍ଧୁ ପରିଚୟ**



ଏଥିପାଇଁ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜଙ୍ଗଲ ରାସ୍ତାରେ ଯିବାବେଳେ ଅସାମାଜିକ ଲୋକଙ୍କ ଟାହିଟାପରାର ଶିକାର ହେଉଥିଲେ। ଏକଥା ଜାଣି ବନିକା ଗ୍ରାମର ୨୧ ବର୍ଷର ଯୁବକ ସହଦେବ ସୋସିଆଲ ଫରେଷ୍ଟର ଓ ବନ ବିଭାଗ ସହ ଯୋଗାଯୋଗ କରି ନିଜ ଅର୍ଥ ଖର୍ଚ୍ଚ କରିବାକୁ ଆଗଭର ହୋଇ ସହିତ ବନିକା ଗ୍ରାମର ଦଉଡାଢିପା, ଅର୍ଦ୍ଦମଡିହ ଆଦି ସ୍ଥାନରେ ୫ ଏକର ନିଜ ଜମିରେ ଆକାଶିଆ ଓ ଇୟୁକାଲିପଟାଶ ସହ ଅନ୍ୟାନ୍ୟ ଜଙ୍ଗଲ ଜାତୀୟ ୫ ହଜାର ବୃକ୍ଷରୋପଣ କରିଥିଲେ। ୬ ବର୍ଷ ପରେ ସ୍ଥାନୀୟ ମହିଳାମାନଙ୍କୁ ଉକ୍ତ ଜଙ୍ଗଲରୁ ଜାଳେଣି ସଂଗ୍ରହ ପାଇଁ ଅନୁମତି ଦିଆଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ମହିଳାମାନେ ଜାଳେଣି ସଂଗ୍ରହ ପାଇଁ ଆଉ ବାହାରକୁ ଯାଇ ନ ଥିବା କହିଛନ୍ତ ସହଦେବ।

ସହଦେବଙ୍କ ବୃକ୍ଷରୋପଣ କାର୍ଯ୍ୟ ଦେଖି ସ୍ଥାନୀୟ ଅଞ୍ଚଳବାସୀ ଏଥିରୁ ପ୍ରେରଣା ପାଇ ଖାଲି ପଡିଥିବା ଜମିରେ ଗଛ ଲଗାଇ ବନିକା ଗ୍ରାମକୁ ସବୁଜ ସୁନ୍ଦର କରିବାରେ ସଫଳ ହୋଇଛନ୍ତି। ସହଦେବ ସ୍ଥାନୀୟ ଯୁବକମାନଙ୍କୁ ଏକତ୍ରିତ କରି ଜଙ୍ଗଲ ସୃଷ୍ଟି କରିବାକୁ ଲାଗି ପଡିଛନ୍ତି। ଦୀର୍ଘ ୩୫ ବର୍ଷର ଜଗାରଖା ପରେ ଏବେ ଉକ୍ତ ଅଞ୍ଚଳରେ ଏକ ପ୍ରକାର ଗ୍ରାମର ଜଙ୍ଗଲ ସୃଷ୍ଟି ହୋଇପାରିଛି। ପରିବେଶ ବଞ୍ଚାଇବାକୁ ଲଗାଯାଇଥିବା କରମା, ଜାମୁ, ଅର୍ଜୁନ, ନିମ୍ବ, ପଳାଶ, କଦମ୍ବ, ସୁନାରୀ ଆଦି ଗଛ ସହିତ ଔଷଧୀୟ ବୃକ୍ଷ ଏହି ଜଙ୍ଗଲରେ ଶୋଭା ପାଉଛି। ବର୍ତ୍ତମାନ ସହଦେବଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଏହି ଜଙ୍ଗଲରେ ଠେକୁଆ, ଝିଙ୍କ, ବାର୍ହା ଆଦି ଜଙ୍ଗଲ ଜନ୍ତୁ ରହିଥିବା ଦେଖିବାକୁ ମିଳୁଛି। ଗ୍ରାମର ଉନ୍ନତି ପାଇଁ ଏବେ ଗଠନମୂଳକ କାର୍ଯ୍ୟ କରିଥିବା ସହଦେବ ଜଣେ ପ୍ରାଥମିକ ଶିକ୍ଷକ ଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରି ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟରୁ ନିକଟରେ ଅବସର ଗ୍ରହଣ କରିଛନ୍ତି। ଅବସର ପରେ ମଧ୍ୟ ଗଛ ଲଗାଇବା ନିଶା ତାଙ୍କୁ 'ବୃକ୍ଷ ବନ୍ଧୁ' ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ କରାଇଛି। ଯୁବକ ସମୟରେ ଆରମ୍ଭ କରିଥିବା ବୀର ବିକ୍ରମ ବଳିଆର ସିଂହ ଯୁବକ ସଂଘ ଏହି ଲକ୍ଷ୍ୟ ପଥରେ ତାଙ୍କୁ ଆଗେଇ ନେଇଥିଲା ବୋଲି ସେ କହିଛନ୍ତି।

## ହତ୍ୟା ଅଭିଯୋଗରେ ଜଣେ ଗିରଫ

**ପାଟଣା, ୧୪।୩(ସ୍ୱ.ପ୍ର.)**

**କ୍ଷତାକ୍ତ ମୃତଦେହ ଉଦ୍ଧାର**

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ପାଟଣା ଗ୍ରାମର ଏକ ଆମ୍ବ ବଗିଚା ମଧ୍ୟରେ ଥିବା ଝୁମ୍ପୁଡି ଘର ସମ୍ମୁଖରୁ ଶନିବାର ସକାଳୁ ଜଣେ ବ୍ୟକ୍ତିଙ୍କ କ୍ଷତ ବିକ୍ଷତ ମୃତ ଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ତଦନ୍ତ ଚଳାଇଥିଲା। ଏହାଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେବାରୁ ପୋଲିସ ୩୦୨ ଦଫାରେ ଏକ ମାମଲା (ନଂ. ୪୫/୨୦) ରୁଜୁ କରି ସନ୍ତୋଷ କୁମାର ନାଏକଙ୍କୁ ଗିରଫ କରିଛି। ଘଟଣା ଅନୁଯାୟୀ, ଡାଳପକା ପଞ୍ଚାୟତ କୁଦାବେଡା ଗ୍ରାମର ବବୁଲୁ ନାଏକ ସନ୍ତୋଷଙ୍କ ଠାରୁ ୩ ହଜାର ଟଙ୍କା ଚୋରି କରି ନେଇଥିଲେ। ପଇସା ନ ଫେରେଇବାରୁ ଅଭିଯୁକ୍ତ ସନ୍ତୋଷ ଉତ୍କ୍ଷିପ୍ତ ହୋଇ ତାଙ୍କୁ ପିଟି ପିଟି ମାରି ଦେଇଥିବା ଥାନା ଅଧିକାରୀଙ୍କ ଆଗରେ ଜେରା ସମୟରେ ସ୍ୱୀକାର କରିଛନ୍ତି।

## ଟ୍ରାକ୍ଟର ଚକ ତଳେ ନାବାଳକଙ୍କ ମୃତ୍ୟୁ

**ପାଟଣା, ୧୪।୩(ସ୍ୱ.ପ୍ର.)**

**■ କ୍ଷତିପୂରଣ ଦାବିରେ ୧୭ ଘଣ୍ଟା ପଡ଼ିରହିଲା ମୃତଦେହ**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଡେଣ୍ଡୁଆଁ ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଟ୍ରାକ୍ଟର ମଝି ଚକ ଚାପି ଦେବାରୁ ଜଣେ ନାବାଳକ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ହେଉଛନ୍ତି ଶଶୀଭୂଷଣ ମୁଣ୍ଡାଙ୍କ ପୁଅ ଭିମସେନ ମୁଣ୍ଡା। ଘଟଣା ପରେ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଥିଲା। କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ଶନିବାର ମୃତଦେହ ବ୍ୟବଚ୍ଛେଦ କରିବା ପାଇଁ ଛାଡି ନଥିଲେ। ଦୀର୍ଘ ୧୭ ଘଣ୍ଟା ଧରି ମୃତଦେହ ସେଠାରେ ପଡିରହିଥିଲା। ତେବେ ତୁରୁମୁଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବାରୁ ଶନିବାର ୧୨ଟାରେ ମୃତଦେହ ଉଠିଥିଲା। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

**କେନ୍ଦୁଝର, ୧୪।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲାର ବିଭିନ୍ନ ଧାନକ୍ରୟ କେନ୍ଦ୍ରରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ଚାଷୀ ମହଲରୁ ଅଭିଯୋଗ ହେଉଛି। ଏଭଳି ଅଭିଯୋଗକୁ ନେଇ ଶୁକ୍ରବାର ଦୁଇଜଣ ଚାଷୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ପଣ୍ଡାପଡା ଲ୍ୟାମ୍ପ ଅଧୀନରେ ଧାନ ବିକ୍ରୟ ପାଇଁ ତାଲିକାରେ ଥିବା ପଟିଲୋ ଗ୍ରାମର ତ୍ରିନାଥ ଖୁଣ୍ଟିଆ ଏବଂ ଫୁଲଝର ଗ୍ରାମର ତରଣୀ ମହାନ୍ତ ଟୋକନ ପାଇଁ ମୋବାଇଲରେ ମେସେଜ୍ ଆସିଛି। ଏହି ମେସେଜ୍ ପ୍ରାୟ ୬/୭ ଦିନ ତଳେ ଆସିଥିବାବେଳେ ଏହି ଲ୍ୟାମ୍ପରେ ଏବେ ଧାନକ୍ରୟ କେନ୍ଦ୍ରକୁ ବନ୍ଦ ରଖାଯାଇଛି। ଏହି କେନ୍ଦ୍ରରେ ଡିସେମ୍ବର ୧୬ ତାରିଖରୁ

**ବିଭିନ୍ନ କେନ୍ଦ୍ରରେ ଧାନକିଣାରେ ଅବ୍ୟବସ୍ଥା**



ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଧାନ ବିକ୍ରି କରିପାରିବେ ବୋଲି ସୂଚନା ଥିଲା। କିନ୍ତୁ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ପରେ ଆଉ ଧାନ କିଣା ହେଉ ନ ଥିବା ଉପରୋକ୍ତ ଚାଷୀ ଦୁଇଜଣ ଅଭିଯୋଗ କରିଥିବାବେଳେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅପରପକ୍ଷେ ଏବାବଦରେ ପଣ୍ଡାପଡା ଲ୍ୟାମ୍ପର ଏମ୍‌ଡି ଅକ୍ଷୟ କୁମାର ମହାନ୍ତଙ୍କ ମତାମତ ନିଆଯିବାରୁ ଏହି କେନ୍ଦ୍ରକୁ ୪୦,୪୦୦ କୁଇଣ୍ଟାଲ ଧାନକିଣା ପାଇଁ ଆଲର୍ଟମେଣ୍ଟ ଦିଆଯାଇଥିଲା। ଏହି ପରିମାଣର ଧାନ କିଣା ସରିଥିବାବେଳେ ବର୍ତ୍ତମାନ ପାଖାପାଖି ୪୪ହଜାର କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ପ୍ରାୟ ୬ଶହ ଚାଷୀ ଧାନବିକ୍ରି ତାଲିକାରେ ରହିଛନ୍ତି। ତେଣୁ ପରବର୍ତ୍ତୀ ଆଲର୍ଟମେଣ୍ଟ ଆସିବା ପର୍ଯ୍ୟନ୍ତ ଧାନକ୍ରୟ ହୋଇପାରୁନଥିବା ସେ ପ୍ରକାଶ କରିଥିଲେ।

## ଜିଲାସ୍ତରୀୟ ୟୁଥ୍ ଆକ୍ଟିଭେସନ୍ କାର୍ଯ୍ୟକ୍ରମ

**କେନ୍ଦୁଝର, ୧୪।୩(ଡି.ଏନ୍.ଏ.)**

କେନ୍ଦୁଝରର ଅଗ୍ରଣୀ ଅନୁଷ୍ଠାନ ସଦ୍‌ଭାବନା ନରଣପୁର ଓ ସ୍ପେଶାଲ ଅଲମ୍ପିକ୍ସ ଭାରତ, ଓଡିଶାର ମିଳିତ ଆନୁକୂଲ୍ୟରେ ଶନିବାର ପ୍ରୟାସ ବିଦ୍ୟାଳୟଠାରେ ଜିଲାସ୍ତରୀୟ ୟୁଥ୍ ଆକ୍ଟିଭେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାର ୧୩ଟି ବ୍ଲକରୁ ଜାତୀୟ ସେବା ଯୋଜନା ପ୍ରତିନିଧି, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ, ଜାତୀୟ ଯୁବ ପ୍ରକଳ୍ପର ସ୍ୱେଚ୍ଛାସେବୀ, ଯୁବକ ସଂଗଠନରୁ ୫୨ଜଣ ପ୍ରତିନିଧି ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଶେଷରେ ଉଭୟ ବୌଦ୍ଧିକ ଅନଗ୍ରସର ଓ ସାଧାରଣ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂପାଦକ ଚଣ୍ଡୀପ୍ରସାଦ ପଟ୍ଟନାୟକ, ପରାମର୍ଶଦାତା ଭକ୍ତବତ୍ସଳ ମହାନ୍ତି ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିପଦସଙ୍କୁଳ ରାଜ୍ୟ ରାଜପଥ



ରାସ୍ତାରେ ଚିପ୍ସ ପଡ଼ିଛି।

**ଆନନ୍ଦପୁର, ୧୪।୩(ସ୍ୱ.ପ୍ର.)**

୫୩ ନଂ. ରାଜ୍ୟ ରାଜପଥର ଆନନ୍ଦପୁର ସହର ମଧ୍ୟରେ ବିପଦ ଦେଖାଦେଇଛି। ବହୁ ସଂଖ୍ୟକ ଭାରିଯାନରେ ଲଘୁ ଖଣିଜ ସମ୍ପଦ ଓଭରଲୋଡ କରାଯାଇ ଦୈନିକ ଚାଲାଣ କରାଯାଉଥିବା ଦେଖାଯାଇଛି। ଏହି ଲଘୁ ଖଣିଜ ସମ୍ପଦ ଚାଲାଣ ହେବା ସମୟରେ ରାସ୍ତାର ବିଭିନ୍ନ ସ୍ଥାନରେ ପଡି ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରୁଛି। ଆନନ୍ଦପୁରର ଗୁରୁତ୍ୱପୂର୍ଣ୍ଣ ବ୍ରିଜଛକ ଦେଇ ଯାଇଥିବା ରାଜପଥର ଉଭୟପାର୍ଶ୍ୱରେ ବାଲି, ଚିପସ୍ ଆଦି ପଡି ୪୦ ପ୍ରତିଶତ ରାସ୍ତାକୁ ଆବଦ୍ଧ କରି ରଖିଛି। ଏହା ଦ୍ୱାରା ସାଇକେଲ ଠାରୁ ବାଇକ୍ ଆରୋହୀ ଏବଂ ପାଦ ଚଲା ବାଟୋଇମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଗୋଟିଏ ପଟେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇ ବେଆଇନ ଭାବେ ପରିବହନ କରୁଥିବା ଲଘୁ ଖଣିଜ ସମ୍ପଦ ଭରା ଟ୍ରାକ୍ଟର ଜବତ କରିବାରେ ପ୍ରଶାସନ ସଫଳ ହେଉଥିବାବେଳେ ଓଭରଲୋଡ ଭରା ହାଇୱା ଭଳି ଅନ୍ୟାନ୍ୟ ଭାରିଯାନ ପ୍ରତି କାହାର ଦୃଷ୍ଟି ପଡୁନି। ରାସ୍ତାରେ ପଡିରହିଥିବା ଲଘୁ ଖଣିଜ ସମ୍ପଦ ପାଇଁ ପ୍ରାୟ ସମୟରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିପାଇଁ କେତେବେଳେ ଜୀବନ ହାନି ଘଟୁଛି ତ କେତେବେଳେ ଦୁର୍ଘଟଣାର ଶିକାର ହେଉଥିବା ଲୋକ ଅକ୍ଷମ ହୋଇ ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ଘଟଣା ପ୍ରତି ସ୍ଥାନୀୟ ପ୍ରଶାସନ ଗୁରୁତର ଭାବେ ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## 'କରୋନା'କୁ ନେଇ ଗୁଜବ

**ଶନି ମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼**

**କେନ୍ଦୁଝର, ୧୪।୩ (ସ୍ୱ.ପ୍ର.)**

ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବା 'କରୋନା' ଭାଇରସକୁ ନେଇ ବିଭିନ୍ନ ସ୍ଥାନରେ କିଭଳି ଗୁଜବ ପ୍ରଚାରିତ ହେଉଛି ତାହାର ଏକ ନଜିର କେନ୍ଦୁଝର ଜିଲା ସଦରମହକୁମାସ୍ଥିତ ପୁରୁଣା ସହରରେ ଦେଖିବାକୁ ମିଳିଛି। ସେଠାରେ ଥିବା ସିଦ୍ଧ ମଠ ସ୍ଥିତ ଶନି ମନ୍ଦିରରେ ଶନିବାର ହଠାତ୍ ବହୁ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା। ଯାହାଙ୍କର ଗୋଟିଏ ପୁତ୍ର ସନ୍ତାନ ଥିବ, ସେହି ପୁତ୍ର କରୋନାରେ ଆକ୍ରାନ୍ତ ହେବେ ବୋଲି ଉକ୍ତ ଅଞ୍ଚଳରେ ଗୁଜବ ପ୍ରଚାରିତ ହୋଇଥିଲା। ଏଭଳି ଗୁଜବ ଶୁଣି ମହିଳାମାନେ ଶନି ମନ୍ଦିରକୁ ଆସି ପୂଜାର୍ଚ୍ଚନା କରିଥିଲେ। କେତେକ ଶ୍ରଦ୍ଧାଳୁଙ୍କୁ ପଚାରିବାରୁ ସେମାନେ କହିଥିଲେ,



ଶନି ମନ୍ଦିରରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ଼।

ଗୋଟିଏ ପୁତ୍ର ସନ୍ତାନ ଥିବା ମହିଳା ଯଦି ଶନି ଠାକୁରଙ୍କୁ ସାତ ପାଳି ପୂଜା ନ କରନ୍ତି ତାଙ୍କ ପୁତ୍ରର ଅନିଷ୍ଟ ହେବ ଶୁଣି ପୂଜାର୍ଚ୍ଚନା କରିବାକୁ ଆସିଛନ୍ତି। ମନ୍ଦିରରେ ହଠାତ୍ ଭକ୍ତଙ୍କ ଭିଡ଼ ବଢ଼ିବା କାରଣରୁ ସେଠାରେ ନଡିଆ ଓ ଅନ୍ୟ ଭୋଗର ଦାମ ବୃଦ୍ଧି ପାଇଥିଲା। ଏଭଳି ଗୁଜବ ଓ ପୂଜାର୍ଚ୍ଚନା ସମ୍ପର୍କରେ ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବୋତ୍ତର ବିଭାଗ ରାମଚନ୍ଦ୍ର କିସ୍କୁଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣି ନାହାନ୍ତି ଏବଂ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ଥାନାର ଦ୍ୱାରସ୍ଥ ହେଲେ ଅଭିଭାବକ

**ଯୋଡ଼ା, ୧୪।୩(ଡି.ଏନ.ଏ.)**

**ପରୀକ୍ଷା ଫଳ ପ୍ରକାଶନରେ ଅନିୟମିତତା**

କେନ୍ଦୁଝର ଜିଲା ଯୋଡା ସହରରେ ଥିବା ଏକ ଇଂରାଜୀ ମାଧ୍ୟମ ସ୍କୁଲର ୯ମ ଷ୍ଟାଣ୍ଡାର୍ଡର ପରୀକ୍ଷା ଫଳ ପ୍ରକାଶନରେ ଅନିୟମିତତା ତଥା ଏକ ତରଫା ପରୀକ୍ଷା ଫଳ ପ୍ରକାଶିତ ହୋଇଥିବାରୁ କେତେକ ଅଭିଭାବକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଭାବକମାନେ ଏହି ଅନିୟମିତତା ନେଇ ଏକ ଲିଖିତ ଅଭିଯୋଗ ପତ୍ର ଯୋଡା ଥାନା ଆଇଆଇସିଙ୍କୁ ଦେଇଥିଲେ। ଅଭିଯୋଗ ଅନୁଯାୟୀ, ଉକ୍ତ ସ୍କୁଲର ୯ମ ଷ୍ଟାଣ୍ଡାର୍ଡ ରେ ପଢୁଥିବା ପ୍ରାୟ ୧୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନିୟମ ଅନୁଯାୟୀ ଶତକଡା ୩୦ ପ୍ରତିଶତ ମାର୍କ ନ ରଖିବାରୁ ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କୁ ଫେଲ୍ କରିଥିଲେ। ତେବେ ଅନ୍ୟ ଜଣେ ଛାତ୍ର ନିର୍ଦ୍ଧାରିତ ଶତକଡା ୩୦ ପ୍ରତିଶତରୁ କମ୍ ରଖିଥିଲେ ହେଁ, ତାଙ୍କୁ ସ୍କୁଲ କର୍ତ୍ତୃପକ୍ଷ ପାସ୍ କରାଇ ଦେଇଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ଏଭଳି ପାତରଅନ୍ତର ମନୋଭାବ ନେଇ ସ୍କୁଲର ପ୍ରିନ୍ସିପାଲ୍‌ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ଶନିବାର ଉକ୍ତ ଛାତ୍ରୀଛାତ୍ରଙ୍କର ଅଭିଭାବକମାନେ ଏକତ୍ର ହୋଇ ଯୋଡା ଥାନାକୁ ଯାଇଥିଲେ।

## ଷ୍ଟାଣ୍ଡପୋଷ୍ଟରୁ ବାହାରୁଛି ଅନବରତ ଜଳ

**ଆନନ୍ଦପୁର,୧୪।୩(ସ୍ୱ.ପ୍ର.)**

ଆନନ୍ଦପୁର ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟର ମାତ୍ର ୬ ଶହ ମିଟର ଦୂର ଆନନ୍ଦପୁର ବ୍ଲକ ଗେଟ୍‌କୁ ଲାଗିକରି ରହିଥିବା ପାନୀୟ ଜଳ ଯୋଗାଣ ଷ୍ଟାଣ୍ଡ ପୋଷ୍ଟର ମୁହଁ ଖୋଲା ରହିଥିବାରୁ ଅନବରତ ପାଣି ବୋହି ଚାଲିଛି। ଉପଭୋକ୍ତାମାନଙ୍କୁ ଜଳ ଯୋଗାଣ କରିବା ସମୟରେ ସଂପୃକ୍ତ ଷ୍ଟାଣ୍ଡ ପୋଷ୍ଟରୁ ପାନୀୟ ଜଳ ଅନବରତ ବୋହି ନଷ୍ଟ ହେବାକୁ ବସିଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷଙ୍କର ଏଥିପ୍ରତି ଦୃଷ୍ଟି ନ ଥିବା ଭଳି ମନେ ହୋଇଛି। ଗ୍ରୀଷ୍ମର ଆଗମନରେ କେତେକ ସ୍ଥାନୀରେ ପାନୀୟ ଜଳ ସଙ୍କଟ ଦେଖାଦେଉଥିବାବେଳେ ଏଠାରେ ପାନୀୟ ଜଳର ଅପବ୍ୟବହାର ବିଭାଗର ପାରିବାପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କରୋନା ଭାଇରସ୍ ପାଇଁ ସଚେତନତାର ବାର୍ତ୍ତା ପ୍ରଦାନ କରାଯାଇ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପରାମର୍ଶ ଦିଆଯାଉଥିବାବେଳେ ଏଠାରେ ଜଳ ଅନବରତ ବୋହି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଘଟଣା ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ଦାବି କରିଛନ୍ତି।



ଷ୍ଟାଣ୍ଡପୋଷ୍ଟରୁ ପାଣି ବାହାରୁଛି।

## କୁଶେଇ ସେତୁ: ପାଦେ ପାଦେ ବିପଦ

**ସନ୍ତୋଷ ରାଉତ**
**ଆନନ୍ଦପୁର,୧୪।୩**

ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ନାଁକୁ ମାତ୍ର ସରିଥିବା ଦର୍ଶାଇ ବେଧଡକ ଟୋଲ୍ ଆଦାୟ ଚାଲିଛି। ଏହି ରାଜପଥର ବେଲବାହାଲିଠାରେ ନିର୍ମାଣାଧୀନ ନୂତନ କୁଶେଇ ସେତୁ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଫଳରେ ବିପଦପୂର୍ଣ୍ଣ ବ୍ରିଟିଶ ଅମଳର କୁଶେଇ ସେତୁ ଉପରେ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଗାଡି ଚଳାଚଳ କରୁଛି। ସବୁ ଜାଣି ସୁଦ୍ଧା ନୀରବଦ୍ରଷ୍ଟା ସାଜିଛନ୍ତି ଜାତୀୟ ରାଜପଥ କର୍ତ୍ତୃପକ୍ଷ। ବିଭିନ୍ନ ସମୟରେ ବେଲବାହାଲି ସେତୁ ନିର୍ମାଣକୁ ନେଇ ଲାଗିରହିଥିବା ଉତ୍ତେଜନା ସମୟରେ ଲୋକଙ୍କ ଦାବି ମୁତାବକ ପୁରୁଣା କୁଶେଇ ସେତୁର ମରାମତି କରିବା ପାଇଁ ମିଳିଥିବା ପ୍ରତିଶ୍ରୁତି କେବଳ କଥାରେ ସୀମିତ ରହିଛି। ଫଳରେ ଏହି ପୁରୁଣା ସେତୁ ଦେଇ ଯାତାୟାତ କରିବା ବେଳେ ପାଦେ ପାଦେ ବିପଦ ଲାଗି ରହୁଛି।

ଜାତୀୟ ରାଜପଥ ନାଁରେ ଏହି ଅମଳର ପୁରୁଣା ସେତୁ ଦେଇ ଯିବା ବେଳେ ଗତ ୨ ବର୍ଷ ମଧ୍ୟରେ ଅନେକ ଗାଡି ତଳକୁ ଖସିପଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ



ବିପଦସଙ୍କୁଳ କୁଶେଇ ସେତୁ।

ବେସରକାରୀ ଭାବେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବା କୁହାଯାଉଛି। ପୋଲ ଉପର ରାସ୍ତାରେ ବଡ ବଡ ଖାଲ ହୋଇଥିବାବେଳେ ସୁରକ୍ଷା ବାଡାର ଅବସ୍ଥା କହିଲେ ନ ସରେ। ଏପରିସ୍ଥଳେ ପୁରୁଣା ସେତୁଠାରୁ ପ୍ରାୟ ୧ କି.ମି. ଦୂରରେ ୨୦୧୭ରେ ଆରମ୍ଭ ହୋଇଥିବା ନୂଆ ସେତୁ କାମ ସରିବାର ନାଁ ନେଉ ନାହିଁ।

କେନ୍ଦୁଝର ଜିଲାର ଲାଇଫ୍ ଲାଇନ୍ କୁହାଯାଉଥିବା ୨୦ନଂ ଜାତୀୟ ରାଜପଥ ଦେଇ ଦୈନିକ ଯୋଡା, ବଡବିଲ୍ ଓ ସୁନ୍ଦରଗଡ ଅଞ୍ଚଳରୁ ହଜାର ହଜାର ସଂଖ୍ୟକ ଲୁହାପଥର ବୋଝେଇ ଟ୍ରକ ପାରାଦୀପ, ଧାମରା, ଗୋପାଳପୁର ବନ୍ଦର ଓ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଯାତାୟାତ କରୁଛି। ଏଥିସହ ରାଉରକେଲାଠାରୁ ଆରମ୍ଭ କରି କେନ୍ଦୁଝର, ଯୋଡା, ବଡବିଲ ଅଞ୍ଚଳରୁ ଶତାଧିକ ଯାତ୍ରୀବାହୀ ବସ୍ କଟକ, ଭୁବନେଶ୍ୱରକୁ ଯାତାୟାତ କରିଥାଏ। ଏହି ସେତୁ ଉପରେ ଯେକୌଣସି ଭାରିଯାନ କିମ୍ବା ଯାତ୍ରୀବାହୀ ବସ୍ ପୋଲ ପାରି ହେବା ସମୟରେ ଅନ୍ୟ ଏକ ଦୁଇ ଚକିଆ ଯାନ ଏକା ସାଙ୍ଗରେ ଯିବା ସମ୍ଭବ ହେଉ ନାହିଁ। ଫଳରେ ଏହି ପୋଲ ପାର ହେବା ବେଳେ ଟ୍ରାଫିକ ଜାମ୍ ସମସ୍ୟା ନିତିଦିନିଆ ହୋଇଛି। ଏଣୁ ଗାଡିଗୁଡିକୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ତୁରନ୍ତ ପୁରୁଣା ସେତୁ ମରାମତି ସହ ନୂତନ ସେତୁ ନିର୍ମାଣ ଶେଷ ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଆଇନଜୀବୀ ଭାଗୀରଥି ଦାଶ କହିଛନ୍ତି ଯେ, ଆନନ୍ଦପୁର ବ୍ରିଟିଶ ଅମଳର ସରୁଆ ସେତୁ ମରାମତି ଅଭାବରୁ ଖାଲଖମାରେ ଭର୍ତ୍ତି ହେବା ସହିତ ବାଡା ଭାଙ୍ଗି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ସେତୁ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ଅଧିକାଂଶ ସମୟରେ ଟ୍ରାଫିକ୍ ସମସ୍ୟା ଯୋଗୁ ଜରୁରିକାଳୀନ ସେବା ପ୍ରଭାବିତ ହେଉଛି। ଅଧାଗଢା ନୂତନ ସେତୁ ନିର୍ମାଣରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କାଳକ୍ଷେପଣ ନୀତି ସମସ୍ୟା ସୁଧାରିବାରେ ବିଫଳ ହୋଇଛି।

ଅନ୍ୟପକ୍ଷେ ୩ ନଂ ଜୋନ ଜିଲା ପରିଷଦ ସଭ୍ୟ ପ୍ରଭାକର ସାହୁଙ୍କୁ ପଚାରିବାରୁ କେନ୍ଦୁଝର ପୁରୁଣା ସେତୁରେ ଖାଲଖମା ସୃଷ୍ଟି ହୋଇ ପାଣି ଜମି ରହୁଛି। ପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ମରାମତି କଲେ ବି ନଷ୍ଟ ହେଉଛି। ଦୈନିକ ହଜାର ହଜାର ସଂଖ୍ୟାରେ ଭାରିଯାନ ଚଳାଚଳ ହେଉଛି। ଫଳରେ ଟ୍ରାଫିକ ସମସ୍ୟା ହେଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ମାର୍ଚ୍ଚ ୧୫/୨୦୨୦ Balasore, Sunday, March 15/2020

## ସଂକ୍ଷେପରେ

### ୩୧ ବିଦ୍ୟାଳୟ ବନ୍ଦ ହେବା ଆଶଙ୍କା

**କପ୍ତିପଦା,୧୪।୩(ଡି.ଏନ୍.ଏ.):** ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ସତ୍ତ୍ୱେ ସରକାରୀ ବିଦ୍ୟାଳୟଗୁଡିକ ପିଲା ଓ ଅଭିଭାବକଙ୍କୁ ଆକୃଷ୍ଟ କରିପାରୁ ନାହିଁ। ଫଳରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ପାଇବାରେ ଲାଗିଛି। କେତେକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ଅଭାବ ଥିବାରୁ ସେଠାରେ ପିଲା ସଂଖ୍ୟା ଅଧିକ କମ୍ ଥିବା କୁହାଯାଉଛି, ଯାହାକି ଶିକ୍ଷା ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି । ସରକାରୀ ନିୟମ ଅନୁଯାୟୀ ୨୦ରୁ ଛାତ୍ରୀଛାତ୍ର କମ୍ ଥିବା କାରଣରୁ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍‌ରେ ୩୧ଟି ବିଦ୍ୟାଳୟ ବନ୍ଦ ହେବ ବୋଲି ଜଣାପଡିଛି । ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ନିର୍ଦ୍ଦେଶ ମତେ କପ୍ତପଦା ବ୍ଲକର ରଙ୍ଗାମାଟିଆ, ପୋଧାଘାଟ, ମଲିପୋଷି, ଛାଁଚୁଣିଆ, କିଟିସାହି, ସହରସାହି, ବେହେରା ସାହି, ପାତ୍ରସାହି, ବେଗୁନିଆପଟା, ବାସୁଦର, ଅର୍ଜ୍ଜୁନଶୋଳ, ଭାଲୁହୁଡୁରା, ପୋଷିସାହି, ଚଡୁରିଘାଟି, ବନ୍ଧସାହି, ଗୋହିରାପୋଷି, ବିନ୍ଧାଣୀସାହି, ଲକ୍ଷ୍ମଣସାହି, ବାରୁଖଣ୍ଡା, ପାଇତୁସାହି, ମାତୃସାହି, ହଦଗୁଠ, ଚମ୍ପିଆସାହି, ଡାଙ୍ଗରସାହି ନୂତନ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବା ନିଷ୍ପତ୍ତି ନିଆଯାଇଛି। ସେହିପରି କୁକୁଡାଗଡି, କସିଗଡିଆ, କୁଆଗୋଠଣା, କେନ୍ଦୁଘାଟି, ଧୂମକ୍ଷେତ, ଖୁଣ୍ଟାବିଲ ପ୍ରାଥମିକ ବିଦ୍ୟାଳୟ ଓ ପଞ୍ଚାୟତ ଏମଇ ବିଦ୍ୟାଳୟ ମଧ ସରକାରୀ ଭାବେ ପ୍ରସ୍ତୁତ ତାଲିକାରେ ସାମିଲ ଥିବାର ଜଣାପଡିଛି। ସରକାରୀ ବିଦ୍ୟାଳୟର ଏଭଳି ସ୍ଥିତି ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଦ୍ୟାଳୟ ବନ୍ଦ ରଖିବା ନିଷ୍ପତ୍ତିକୁ ସମାଲୋଚନା କରି ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ସୁନା ଦୋକାନରୁ ଲୁଟ୍: ଜଣେ ଅଟକ

**ଧାମନଗର,୧୪।୩(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବଡ଼ବଜାରର ଆନନ୍ଦ ସାହୁଙ୍କ ଖରାଖାଇ ଜୁଏଲେରି ଦୋକାନରୁ ଶନିବାର ଅପରାହ୍ନ ୧ଟାରେ ଲୁଟ୍ ହୋଇଛି। ଦୋକାନୀ ଜଣେ ଗ୍ରାହକଙ୍କୁ ସୁନା ଅଳଙ୍କାର ଦେଖାଉଥିବା ସମୟରେ ଏଭଳି ଲୁଟ୍ ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଆନନ୍ଦ ଗ୍ରାହକଙ୍କୁ ଅଳଙ୍କାର ଦେଖାଉଥିବା ବେଳେ ଦୁଇଜଣ ଯୁବକ ଦୋକାନ ଭିତରେ ପଶି ମଙ୍ଗଳସୂତ୍ର ଓ ଚେନ୍ ଝାମ୍ପି ନେଇ ଯାଇଥିଲେ। ଜଣେ ଲୁଟେରା ଦୋକାନ ବାହାରେ ଅପେକ୍ଷା କରିଥିବା ଆଉ ଜଣେ ଯୁବକଙ୍କ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ଅନ୍ୟ ଜଣେ ଲୁଟେରାଙ୍କୁ ଦୋକାନୀ ଓ ଉପସ୍ଥିତ ଗ୍ରାହକ କାବୁ କରି ନେଇଥିଲେ। ଖବର ପାଇ ଧାମନଗର ଥାନା ପୋଲିସ ପହଞ୍ଚି ଅଟକ ଲୁଟେରାଙ୍କୁ ଥାନାକୁ ନେଇ ପଚରାଉଚୁରା କରୁଛି। ଫେରାର ଲୁଟେରାଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

# ହୋଲ୍ଡିଂ ଟ୍ୟାକ୍ସ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

**ବାଲେଶ୍ୱର ଅଫିସ, ୧୪।୩**

ବାଲେଶ୍ୱର ପୌରପାଳିକା ଅଧୀନରେ ବାସ କରୁଥିବା କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ କରିଥିବା ଗୃହ ଟିକସ (ହୋଲ୍ଡିଂ ଟ୍ୟାକ୍ସ) ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ନିଷ୍ପତ୍ତି ନିଆଯାଇଛି। ବାରମ୍ବାର ନୋଟିସ ପରେ ମଧ ଗୃହ ଟିକସ ପଇଠ କରି ନ ଥିବା ପ୍ରାୟ ୧ହଜାର ବୃହତ୍ ଖିଲାପକାରୀଙ୍କ ବିରୋଧରେ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ବିରୋଧରେ ସାର୍ଟିଫିକେଟ କେସ୍ ରୁଜୁ କରାଯାଇ ବକେୟା ଅର୍ଥ ଆଦାୟ ପାଇଁ ପଦକ୍ଷେପ ନିଆଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ସମ୍ପତ୍ତିକୁ ଜବତ କରାଯିବା ସହ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯିବ ବୋଲି କୁହାଯାଇଛି।

ଆସନ୍ତା ୨୦୨୦ ମାର୍ଚ୍ଚ ୨୦ ସୁଦ୍ଧା ବକେୟା ଦେୟ ପ୍ରଦାନ ନ କଲେ ପ୍ରଶାସନ ପକ୍ଷରୁ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତଦ୍ ବ୍ୟତୀତ ଟିକସ ଖିଲାପକାରୀଙ୍କ ନାମ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସମେତ ହୋର୍ଡିଂ ମାଧ୍ୟମରେ ସର୍ବସାଧାରଣ ସ୍ଥାନରେ ପ୍ରକାଶ କରାଯିବ ବୋଲି ଜଣାପଡ଼ିଛି। ଏଥିନିମନ୍ତେ ପୌରପାଳିକାକୁ ସହଯୋଗ କରିବାକୁ ବାଲେଶ୍ୱର ପୌରପାଳିକା ନିର୍ବାହୀ ଅଧିକାରୀ ପ୍ରଣୟ କୁମାର ଜେନା ସହରର ଅଧିବାସୀ ଓ ବୁଦ୍ଧିଜୀବୀମାନଙ୍କୁ ନିବେଦନ କରିଛନ୍ତି ।

## ବ୍ରାଉନ ସୁଗାର ଜବତ: ମହିଳାଙ୍କ ସମେତ ୨ ଗିରଫ


ଗିରଫ ଦୁଇ ଅଭିଯୁକ୍ତ।

**ବାରିପଦା ଅଫିସ, ୧୪।୩**

ମୟୂରଭଞ୍ଜ ଜିଲାରେ ବ୍ରାଉନ ସୁଗାର ର୍ୟାକେଟ ସକ୍ରିୟ ଥିବା ସୂଚନା ମିଳିଛି। ଶନିବାର ବାରିପଦା ଟାଉନ ପୋଲିସ ଚଢ଼ାଉ କରି ୧୦.୦୯ ଗ୍ରାମ୍ ବ୍ରାଉନ ସୁଗାର ଜବତ କରି ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାରିପଦା ଶୂନଗାଡ଼ିଆର କୁନି ଘଡ଼େଇ ଓ ସୁନ୍ଦରଗଡ଼ ଟାଉନ ଥାନା ରାଣୀବଗିଚାର ଜ୍ଞାନରଞ୍ଜନ ବେହେରା (୨୬) । ପୋଲିସ ଏହି ସୂଚନା ଦେଇ କହିଛି ଯେ, ସ୍ଥାନୀୟ ସହରରେ ବ୍ରାଉନସୁଗାର ବିକ୍ରି ହେଉଥିବା ଖବର ମିଳିବା ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ପେଶାଲ୍ ସ୍କ୍ୱାର୍ଡ଼ ବାରିପଦା ଟାଉନ ପୋଲିସ ସହାୟତାରେ ଶୂନଗାଡ଼ିଆ ଗଳାପୋଲ ନିକଟରେ ଚଢ଼ାଉ କରିଥିଲା। ଅଭିଯୁକ୍ତ ଜ୍ଞାନରଞ୍ଜନ ସୁନ୍ଦରଗଡ଼ରୁ ବାରିପଦାର କୁନିଙ୍କ ନିକଟକୁ ବ୍ରାଉନ ସୁଗାର କିଣିବା ପାଇଁ ଆସିଥିଲେ। ଉଭୟଙ୍କୁ ପୋଲିସ ଧରି ଜେରା କରିବା ପରେ ଜଳେଶ୍ୱରରୁ ବାରିପଦା ବ୍ରାଉନସୁଗାର ଅଣାଯାଇ ସୁନ୍ଦରଗଡ ସମେତ ବିଭିନ୍ନ ସ୍ଥାନକୁ ପଠାଯାଉଥିବା ଜଣାପଡିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୫୫/୨୦ରେ ରୁଜୁ କରି ଗିରଫ ୨ ଜଣଙ୍କୁ କୋର୍ଟ ଚାଲାଣ କରି ଅଧିକ ତଦନ୍ତ ଚଳାଇଥିବା ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

## କରୋନାରୁ ରକ୍ଷା ପାଇଁ ମା' ଅମ୍ବିକା ମନ୍ଦିରରେ ଦୀପଦାନ



କରୋନାରୁ ରକ୍ଷା ପାଇଁ ମନ୍ଦିରରେ ଦୀପ ଦାନ କରାଯାଉଛି।

**ବାରିପଦା ଅଫିସ, ୧୪।୩**

ସାରା ବିଶ୍ୱରେ ମହାମାରୀ ରୂପ ନେଇଥିବା କରୋନା ଭାଇରସ ଦାଉରୁ ରକ୍ଷା ପାଇବା ଲାଗି ସ୍ଥାନୀୟ 'ହେଲ୍ପିଂ ବୟ' ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ମା' ଅମ୍ବିକା ମନ୍ଦିରରେ ଶନିବାର ଦୀପଦାନ କରାଯାଇଥିଲା। ମୟୂରଭଞ୍ଜବାସୀଙ୍କ ସମେତ ସାରା ଦେଶରେ କିପରି କରୋନା ଭାଇରସ୍ ପ୍ରବେଶ ନ କରିବ ସେଥିପାଇଁ ଯୁବକମାନେ ମା' ଅମ୍ବିକାଙ୍କୁ ପ୍ରାର୍ଥନା କରିଥିଲେ। ଯୁବ ସାମାଜିକ କର୍ମୀ ରାହୁଲ କରନଙ୍କ ନେତୃତ୍ୱରେ ଶତାଧିକ ଯୁବକ ମା' ଅମ୍ବିକାଙ୍କ ମନ୍ଦିର ନିକଟରେ ଏକତ୍ରିତ ହୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କରୋନା ସଂକ୍ରମଣରୁ ବର୍ତ୍ତିବା ସକାଶେ ରାଜ୍ୟ ସରକାର ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରେକ୍ଷାଳୟ ଆଦି ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଜନଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା ଲାଗି ଲୋକଙ୍କୁ ଅନୁରୋଧ କରାଯାଇଛି। ଜିଲାବାସୀ ସଚେତନ ହୋଇ ନିଜ ପରିବେଶକୁ ସ୍ୱଚ୍ଛ ରଖିବା ସହ ସାବୁନରେ ହାତ ଧୋଇ ଖାଦ୍ୟ ଖାଇବାକୁ ହେଲ୍ପିଂ ବଏ ପକ୍ଷରୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଲଳିତ ସରକାର, ସରୋଜ ପଦାର, ରାଜ ରଏ, ସାଗର ପାତ୍ର, ଶୁଭ ରଏ, ରାଜେଶ ପ୍ରହରାଜ, ସ୍ୱାଗତ ସମ୍ପଦ ଦାସ, ନିକୁ ମହାନ୍ତି, ପ୍ରଶାନ୍ତ ସେନାପତି, ବିଶ୍ୱଜିତ ଭୂୟାଁ, ସୁବ୍ରତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଶିଶୁ ମୃତ

**ତେଲକୋଇ, ୧୪।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ପୁରୁୟୁଡା ପଞ୍ଚାୟତ ବେଣାମୁଣ୍ଡା ବାଲି ସାହିରେ ଶନିବାର ନିକଟସ୍ଥ ଗଣ୍ଡସାହି ପୋଖରୀରେ ବୁଡ଼ି ଜଣେ ଶିଶୁ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଆଦିତ ସିଙ୍କୁ (୪)। ସେ ତାଙ୍କ ସାଙ୍ଗ ମାନଙ୍କ ସହ ଗାଧୋଇବାକୁ ଯାଇଥିଲେ। ସାଥିରେ ଥିବା ଅନ୍ୟ ପିଲା ମାନେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ କାଳିଆହତା ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ତାଙ୍କୁ ତେଲକୋଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

## ଚଳନ୍ତା ବସ୍‌ରୁ ଖସିଲା ଚକ: ବର୍ତ୍ତିଲେ ୫୦ ଯାତ୍ରୀ

**ବିଶୋଇ,୧୪।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ସ୍ଥାନୀୟ ବିଜାତଳା ଛକ ନିକଟବର୍ତ୍ତୀ ୫୦ ନମ୍ବର ରାଜ୍ୟ ରାଜପଥରେ ଶନିବାର ଏକ ଚଳନ୍ତା ବସରୁ ଏକ ଚକ ଖସିଯାଇଥିଲା । ଡ୍ରାଇଭର ଏହା ଜାଣି ବ୍ରେକ କସି ବସ୍‌କୁ ଅଟକାଇ ଦେଇଥିଲେ। ଖସିଯାଇଥିବା ଚକଟି ପ୍ରାୟ ୨ଶହ ମିଟର ଦୂର ଯାଏ ଗଡିଯାଇଥିଲା। ଏହି ଦୁର୍ଘଟଣାରେ କୌଣସି ଯାତ୍ରୀଙ୍କର କିଛି କ୍ଷତି ହୋଇନାହିଁ । ଜୟ ମା' ଦୁର୍ଗା ନାମକ ଏକ ଘରୋଇ ବସ୍‌ରେ ୫୦ ରୁ ଊର୍ଦ୍ଧ୍ୱ ଯାତ୍ରୀ ରହିଥିଲେ। ବସ୍‌ଟି ବାଲେଶ୍ୱରରୁ ରାଇରଙ୍ଗପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଅଦିନିଆ ଝଡ଼ରେ ଉଡ଼ିଲା ସ୍କୁଲ ଛପର


ଝଡତୋଫାନରେ ଭାଙ୍ଗି ଯାଇଥିବା ଆଜବେଷ୍ଟସ।

**କପ୍ତିପଦା,୧୪।୩(ଡ଼ି.ଏନ୍.ଏ.)**

ଶନିବାର ଅପରାହ୍ନରେ ଅଦିନିଆ ଝଡ଼ବର୍ଷା ହେବାରୁ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶାଳଚୁଆ ପଞ୍ଚାୟତ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ୍ ଛପର ଉଡି ନଷ୍ଟଭ୍ରଷ୍ଟ ହୋଇଛି । ଶ୍ରେଣୀ ଗୃହରେ ପିଲା ପାଠ ପଢୁଥିବା ବେଳେ ଝଡବର୍ଷା ହୋଇଥିଲା। ସେଠାରେ ୨ଟି ଶ୍ରେଣୀ ଗୃହର ଛପର ସମ୍ପୂର୍ଣ୍ଣ ଉଡିଯାଇଥିଲା। ସୌଭାଗ୍ୟବଶତଃ ପିଲାମାନେ ବିପଦରୁ ବର୍ତ୍ତି ଯାଇଛନ୍ତି । ୧୯୮୦ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୪ଶହରୁ ଊର୍ଦ୍ଧ୍ୱ ପିଲା ପଢୁଛନ୍ତି । ଉକ୍ତ ବିଦ୍ୟାଳୟରେ ଏକ ଆଦିବାସୀ ଛାତ୍ରୀ ନିବାସ ରହିଛି । ଏହା ସତ୍ତ୍ୱେ ଶ୍ରେଣୀ ଗୃହର ଉନ୍ନତୀକରଣ କରାଯାଇ ନାହିଁ । ଫଳରେ ପୁରୁଣା ଆଜବେଷ୍ଟସ୍ ଘରେ ପିଲାମାନେ ଅଦ୍ୟାବଧି ପାଠ ପଢୁଥିବା ଅଭିଭାବକମାନେ କହିଛନ୍ତି।




## ରେଳଫାଟକ ନ ଖୋଲିବାରୁ ଆର୍‌ପିଏଫ୍ ପୋଲିସ, ଗେଟ୍‌ମ୍ୟାନ୍‌ଙ୍କୁ ଆକ୍ରମଣ

**ରୂପ୍‌ସା, ୧୪।୩(ଡି.ଏନ୍.ଏ.)**

**ଅଭିଯୁକ୍ତ ଗିରଫ: ଖଣ୍ଡା, ମୋବାଇଲ ଜବତ**

ବାଲେଶ୍ୱର ଜିଲା ଅନ୍ତର୍ଗତ ହଳଦୀପଦା ରେଳଷ୍ଟେଶନର ଉତ୍ତର ପାର୍ଶ୍ୱରେ ଥିବା ଖଣ୍ଡାହାର ରେଳଫାଟକରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରେନ୍ ଆସୁଥିବା ସୂଚନା ମୁତାବକ ପଡ଼ିଥିବା ରେଳଫାଟକ ନ ଉଠାଇବାରୁ ସଦର ବ୍ଲକ ହଳଦୀପଡ଼ା ପାଳସିଆ ଗ୍ରାମର ଯୁବକ ରାଜୁ ଦାସ ଗେଟ୍‌ମ୍ୟାନ ରବୀନ୍ଦ୍ର ମୁସ୍ତାଫି ଓ ଆର୍‌ପିଏଫ୍ ଥାନା ଏଏସ୍‌ଆଇ ଶ୍ରୀକାନ୍ତ ପାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି। ବାଲେଶ୍ୱର ଜିଆର୍‌ପି ଥାନା ଆଇଆଇସି ପ୍ରତାପ ଚନ୍ଦ୍ର ବେହେରା ପହଞ୍ଚି ଅଭିଯୁକ୍ତ ରାଜୁ ଦାସଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଖଣ୍ଡା ଓ ମୋବାଇଲ୍ ଜବତ କରିଛନ୍ତି। ଆରପିଏଫ୍ ଏଏସ୍‌ଆଇ କାଳୀଶଙ୍କର ପଣ୍ଡାଙ୍କ ଅଭିଯୋଗକୁ ଭିତ୍ତିକରି ଜିଆର୍‌ପି ଥାନାରେ ଶନିବାର ଏକ ମାମଲା (ନଂ.୨୧/୨୦) ରୁଜୁହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଡାଉନ୍ ଲାଇନରେ ଟ୍ରେନ୍ ଆସୁଥିବାରୁ ଫାଟକ ବନ୍ଦ ଥିଲା। ରାଜୁ ଦାସ ଫାଟକ ଅତିକ୍ରମ କରିବା ପାଇଁ ଗେଟ୍‌ମ୍ୟାନଙ୍କୁ ତୁରନ୍ତ ଫାଟକ ଉଠାଇବାକୁ କହିଥିଲେ। ହେଲେ ସେ ଫାଟକ ନ ଉଠାଇବାରୁ ଅଭିଯୁକ୍ତ ଜଣକ ଗେଟ୍‌ମ୍ୟାନ୍‌ଙ୍କ ବାମହାତକୁ ଖଣ୍ଡାରେ ହାଣି ପକାଇଥିଲେ। ଖବର ପାଇ ରୂପ୍‌ସା ଆର୍‌ପିଏଫ୍ ଥାନା ପୋଲିସ୍ ସେଠାରେ ପହଞ୍ଚିଥିଲା। ବୁଝାଶୁଝା ସମୟରେ ଏଏସ୍‌ଆଇ ପାତ୍ରଙ୍କୁ ଅଭିଯୁକ୍ତ ଖଣ୍ଡାରେ ଆକ୍ରମଣ କରିବାରୁ ତାଙ୍କ ଡାହାଣ ହାତର ୪ଟି ଆଙ୍ଗୁଠି କଟିଯାଇଛି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସଙ୍ଗେସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଏସ୍‌ଆଇ ପାତ୍ରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ବାଲେଶ୍ୱର ଜିଆର୍‌ପି ଥାନା ପୋଲିସ ପହଞ୍ଚି ଅଭିଯୁକ୍ତ ରାଜୁଙ୍କୁ କାବୁ କରିବାରେ ସମର୍ଥ ହୋଇଥିଲା।




# କରୋନା ପାଇଁ ଖୋଲିଲା ସ୍ୱତନ୍ତ୍ର ୱାର୍ଡ

**ବାରିପଦା ଅଫିସ, ୧୪।୩**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବାତିଲ
- ୩୧ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ
- ବାହାଘର ଭୋଜି, ସାମାଜିକ କାର୍ଯ୍ୟକ୍ରମ ଆଦି ଉପରେ କଟକଣା

କରୋନା ଭାଇରସ୍ ଯେଭଳି ନ ବ୍ୟାପିବ ସେଥିଲାଗି ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି କରାଯାଉଛି । ଏହି ରୋଗ ବିଶ୍ୱବ୍ୟାପୀ ଆତଙ୍କ ଖେଳାଇଥିବାରୁ ଏ ଦିଗରେ ସଚେତନା ସୃଷ୍ଟି ଲାଗି ଏଠାକାର ପ୍ରଶାସନ ତତ୍ପର ହୋଇ ଉଠିଛି। ଏହି ପରିପ୍ରେକ୍ଷୀରେ ବାରିପଦା ପିଆରଏମ୍ ମେଡ଼ିକାଲ୍‌ରେ କରୋନା ରୋଗୀଙ୍କ ପାଇଁ ଖୋଲା ଯାଇଛି ସ୍ୱତନ୍ତ୍ର ଆଇସୋଲେସନ ୱାର୍ଡ଼, ଯେଉଁଥିରେ ୬ଟି ଶଯ୍ୟା ବ୍ୟବସ୍ଥା ରହିଛି। ଯଦି କେହି ସନ୍ଦିଗ୍ଧ ରୋଗୀ ଆସନ୍ତି ତାଙ୍କୁ ସେଠାରେ ରଖି ସ୍ୱତନ୍ତ୍ର ଭାବେ ଚିକିତ୍ସା କରାଯାଇପାରିବ । ମାସ୍କ, ଗ୍ଲୋଭସ୍, ସାନିଟାଇଜର, ପିପିଇ ଯଥେଷ୍ଟ ମହଜୁଦ୍ ରଖାଯାଇଛି ବୋଲି ପିଆରଏମ୍ ମେଡ଼ିକାଲ୍ ପକ୍ଷରୁ ଏଠାରେ ସୂଚନା ଦିଆଯାଇଛି।

ଅନ୍ୟପକ୍ଷେ ଜିଲା ପ୍ରଶାସନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରି ଦେଇଛନ୍ତି। ସେହଭିଳି ଜିଲାରେ ଥିବା ସମସ୍ତ ଜିମ୍, ସିନେମା ହଲ୍ ଓ ସୁଇମିଂ ପୋଲକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାହାଘର ଭୋଜି, ସାମାଜିକ କାର୍ଯ୍ୟକ୍ରମ, ଧାର୍ମିକ ଉତ୍ସବ, ସେମିନାର, ୱାର୍କଶପ ଉପରେ ମଧ୍ୟ କଟକଣା ଜାରି କରାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସୋମବାର ହେବାକୁ ଥିବା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରକୁ ବାତିଲ କରାଯାଇଛି। ଯେଉଁମାନେ ରାଜ୍ୟ ବାହାରକୁ ଯାଇଥିଲେ ଯଦି ସ୍ୱାସ୍ଥ୍ୟାବସ୍ଥାରେ ସେମାନଙ୍କଠାରେ କୌଣସି ଥଣ୍ଡା ରୋଗ ଜନିତ ଲକ୍ଷଣ ଦେଖା ଦେଉଛି ତାହାହେଲେ ସେମାନେ ଭୟଭୀତ ନ ହୋଇ ସ୍ୱଇଚ୍ଛାରେ ମେଡ଼ିକାଲ୍‌କୁ ଆସି ଚିକିତ୍ସିତ ହେବା ଲାଗି ପରାମର୍ଶ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ନିୟନ୍ତ୍ରଣ କକ୍ଷ ଫୋନ୍ ନମ୍ବର ୯୪୩୯୯୭୯୩୩ ଓ ୦୬୭୯୨ ୨୫୨୭୦୨ ସହ ଯୋଗାଯୋଗ କରିବା ପାଇଁ ବାରିପଦା ମେଡ଼ିକାଲ୍ ପକ୍ଷରୁ ମଧ ସୂଚନା ଦିଆଯାଇଛି।



ବାରିପଦା ପିଆରଏମ୍ ମେଡିକାଲ୍‌ରେ କରୋନା ପାଇଁ ଖୋଲିଥିବା ସ୍ୱତନ୍ତ୍ର ୱାର୍ଡ଼ ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ